

୯/୨/୨୦୨୪ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୫୪,୮୩୫/- ସୁନା: ୦୧.୦୫୦ ଗ୍ରାମ୍ ରୁପା: ୧୯.୫୦୦ ଗ୍ରାମ୍



## ଆଜି ମହାପ୍ରଭୁଙ୍କ ପଦ୍ମବେଶ

**ପୁରୀ, ୯।୨(ସମିସ):** ମାଘ ମାସ ଅମାବାସ୍ୟାଠାରୁ ଶ୍ରୀପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ପଡ଼ିଲେ ସେହିଦିନ ମହାପ୍ରଭୁଙ୍କ ଅତୀବ ରମଣୀୟ ପଦ୍ମ ବେଶ ହୋଇଥାଏ। ତେଣୁ ଶନିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଦ୍ମବେଶ ଅନୁଷ୍ଠିତ ହେବ। ବଡ଼ସିଂହାର ବେଶରେ ଠାକୁରମାନଙ୍କୁ ଏହି ବେଶ କରାଯିବ। ଏହି ବେଶ ପରେ ଖିରି ଓ ଅମାଲୁ ଭୋଗ କରାଯିବ। ପଦ୍ମବେଶ ଥାଇ ଠାକୁର ପହୁଡ଼ ହେବେ। ଗୁରୁବାର ମଙ୍ଗଳ ଆଳତି ପର୍ଯ୍ୟନ୍ତ ମହାପ୍ରଭୁଙ୍କର ଏହି ବେଶ ରହିବ। ମଙ୍ଗଳା ଆଳତିରେ ଭକ୍ତମାନେ ଦୁର୍ଲ୍ଲଭ ପଦ୍ମବେଶରେ ଠାକୁରଙ୍କୁ ଦର୍ଶନ କରିପାରିବେ। ଏହାପରେ ଅବକାଶ ହୋଇ ବେଶ ଓଲାଗି କରାଯିବ। ତେବେ ବଡ଼ଛତା ମଠ ପକ୍ଷରୁ ପ୍ରତିବର୍ଷ ଏହି ବେଶ ଯୋଗାଇ ଦିଆଯାଇଥାଏ। ଗଙ୍ଗାମାତା ମଠ ପରିସରରେ ପାରମ୍ପରିକ ବେଶ କାରିଗର ବସନ୍ତ ରଣାଙ୍କ ନେତୃତ୍ୱରେ ଏହି ବେଶ୍ ନିର୍ମାଣ ଚାଲିଛି। ଶୋଲ, ଜରି, କଦଳୀପଟ, କନା, କଇଁଥ ଅଠା, ରଙ୍ଗ ସାହାଯ୍ୟରେ ନିର୍ମାଣ କରାଯାଉଛି। ମଙ୍ଗଳବାର ଏହି ବେଶ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଶନିବାର ସକାଳ ସୁଦ୍ଧା ସରିଯିବ ବୋଲି କାରିଗର ସୂଚନା ଦେଇଛନ୍ତି।



### ଚନ୍ଦ୍ରଭାଗା ମେଳା ସମନ୍ୱୟ କମିଟି ବୈଠକ

# ଶୃଙ୍ଖଳିତ ନୀତିକାନ୍ତି ଓ ମେଳାକୁ ଗୁରୁତ୍ୱ



**ପୁରୀ, ୯।୨(ସମିସ)**

ରଥଯାତ୍ରା ପରେ ଚନ୍ଦ୍ରଭାଗା ମେଳା ପୁରୀ ଜିଲ୍ଲାର ଏକ ବିପୁଳ ଜନସମାଗମ ହେଉଥିବା ଆଧାତ୍ମିକ ବୁଡ କାର୍ଯ୍ୟକ୍ରମ। ଏହାକୁ ଶୃଙ୍ଖଳିତ ଓ ସୁନ୍ଦର ଭାବେ ପରିଚାଳନା କରିବାକୁ ଜିଲ୍ଲାପାଳ ବିଜୟ କୁମାର ଦାଶ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚନ୍ଦ୍ରଭାଗା ମେଳାକୁ ଶୃଙ୍ଖଳିତ ପରିଚାଳନା ପାଇଁ ଦ୍ୱିତୀୟ ସମନ୍ୱୟ କମିଟି ପ୍ରସ୍ତୁତି ବୈଠକ ସର୍କିଟ ହାଉସ୍‌ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଶ୍ରୀ ଦାଶ ଅଧକ୍ଷତା କରି ଠାକୁରଙ୍କ କାର୍ଯ୍ୟକୁ ଅତି ନିଷ୍ଠା ଓ ନିୟମାନୁସାରେ ଆୟୋଜନ କରାଯିବ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ବିସ୍ତୃତ ସୂଚନା ଦେଇ ପୂର୍ବ ପ୍ରସ୍ତୁତି ବୈଠକ ଓ ନୀତିକାନ୍ତି ବୈଠକର ନିର୍ଯ୍ୟାସ ସମ୍ପର୍କରେ ଆଲୋକପାତ କରିଥିଲେ। ଆସନ୍ତା ୧୬ ତାରିଖରେ ଚନ୍ଦ୍ରଭାଗା ମାଘ ମେଳା। ତିନିଠାକୁର ଶ୍ରୀ ଶ୍ରୀ ତ୍ରିବେଣୀଶ୍ୱର ଦେବ, ଶ୍ରୀ ଶ୍ରୀ ଦକ୍ଷୀଣେଶ୍ୱର ଦେବ, ଶ୍ରୀ ଶ୍ରୀ ଈଶାଣେଶ୍ୱର ଦେବଙ୍କୁ ନେଇ ଚନ୍ଦ୍ରଭାଗାରେ ମାଘ ସପ୍ତମୀ ମେଳା ଅନୁଷ୍ଠିତ ହେବ। ୧୫ ତାରିଖ ରାତି ୯ଟାରୁ ରାତି ୯ଟା ୫୫ ମଧ୍ୟରେ ତିନିଠାକୁରଙ୍କ ବିମାନ ବିଜେ, ରାତି ୧୦ରୁ ରାତି ୧ଟା ମଧ୍ୟରେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସରରେ ଠାକୁରଙ୍କ ପୂଜା ଓ ଭୋଗ ଲାଗି ଅନୁଷ୍ଠିତ ହେବ। ରାତ୍ର ୧ଟା ୩୦ରୁ ଠାକୁରଙ୍କର ଚନ୍ଦ୍ରଭାଗା ଅଭିମୁଖେ ଯାତ୍ରା ଓ ରାତି ୪ଟା ୩୪ ମଧ୍ୟରେ ଠାକୁର ମାନଙ୍କ ମହାସ୍ନାନ ପରେ ଶ୍ରଦ୍ଧାଳୁମାନଙ୍କୁ ଚନ୍ଦ୍ରଭାଗା ପୁଷ୍କରିଣୀରେ ବୁଡ ପକାଇବାର ସୁଯୋଗ ମିଳିବ। ଠାକୁରମାନଙ୍କ ନୀତିରେ ଯେପରି ବିଳମ୍ବ ନ ହୁଏ ସେଥିପାଇଁ ପୂଜକ ଓ ସେବାୟତମାନେ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା।

ଆଇନ ଶୃଙ୍ଖଳା ବ୍ୟବସ୍ଥା, ପରିମଳ, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପରିବହନ, ରାସ୍ତା ଘାଟ ମରାମତି, ଚନ୍ଦ୍ରଭାଗା ପୁଷ୍କରିଣୀ ଖନନ, ଅତ୍ୟାବଶ୍ୟକ ଦ୍ରବ୍ୟ ଯୋଗାଣ, ସାଂସ୍କୃତିକ କାର୍ଯ୍ୟକ୍ରମ, ପାନୀୟ ଜଳ ବ୍ୟବସ୍ଥା, ଗାଡି ପାର୍କିଂ ଓ ଟ୍ରାଫିକ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଅସ୍ଥାୟୀ ସୂଚନା କେନ୍ଦ୍ର ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଏସ୍‌ପି ବିଷ୍ଣୁ ଚରଣ ପତି, ଡ୍ରୁଡାର ପ୍ରକଳ୍ପ ନିର୍ଦ୍ଦେଶକ ଅକ୍ଷୟ କୁମାର ମହାନ୍ତି, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, କୋଣାର୍କ ଏନଏସି ଅଧକ୍ଷ ସଞ୍ଜୁକ୍ତା ତ୍ରିପାଠୀ, ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଦାଶ, ଡେପୁଟି କଲେକ୍ଟର ପ୍ରିୟଦର୍ଶନୀ ମଲ୍ଲିକ, ତିନିଠାକୁରଙ୍କ ସେବାୟତ, ଅନ୍ୟାନ୍ୟ ଅଧିକାରୀ ଓ ସଦସ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରେ ଜିଲ୍ଲାପାଳ ଶ୍ରୀ ଦାଶ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଚନ୍ଦ୍ରଭାଗା ମେଳାକୁ ଶୃଙ୍ଖଳିତ ଓ ସୁନ୍ଦର ଭାବେ ପରିଚାଳନା ପାଇଁ ଗ୍ରହଣ କରାଯାଇଥିବା ବିବିଧ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ।

## ଶାଢୀ ବନ୍ଧାଇଲେ ରାମଚନ୍ଦ୍ର ମେକାପ

**ପୁରୀ, ୯।୨(ସମିସ):** ଶ୍ରୀମନ୍ଦିର ମେକାପ ସେବକ ଭାବେ ରାମଚନ୍ଦ୍ର ମେକାପଙ୍କ ଶାଢ଼ୀ ବନ୍ଧା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ବିଧି ଅନୁଯାୟୀ ଏହି ଶାଢୀବନ୍ଧା ଯାଇଥିଲା। ରାମଚନ୍ଦ୍ର ମେକାପ ଶାଢ଼ୀ ବନ୍ଧା ପରେ ମହାପ୍ରଭୁଙ୍କ ଆଶୀର୍ବାଦ ନେଇଥିଲେ। କୋଠାଭୋଗ ଯୋଗଣିଆ ମେକାପ ସେବକ ଭାବେ ରାମଚନ୍ଦ୍ରଙ୍କୁ ମହାପ୍ରଭୁଙ୍କ ସେବା କରିବା ଲାଗି ସ୍ୱୀକୃତି ମିଳିଥିବା ସେ କହିଛନ୍ତି।

## ‘ନୂଆ-ଓ’ ରାଜ୍ୟସ୍ତରୀୟ କ୍ରିକେଟ

ପୁରୀ, ୯।୨(ସମିସ): ସ୍ଥାନୀୟ ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ଚାଲିଛି ନୂଆ ଓ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ। ଶୁକ୍ରବାର ମହିଳା ବର୍ଗରେ ଅନୁଗୁଳ କୋରାପୁଟ ମ୍ୟାଚ୍‌ରେ କୋରାପୁଟ ବିଜୟୀ ହୋଇଥିଲାବେଳେ ବଲାଙ୍ଗୀର ମାଲକାନଗିରି ମ୍ୟାଚ୍‌ରେ ବଲାଙ୍ଗୀର, ବାଲେଶ୍ୱର ମୟୂରଭଞ୍ଜ ମ୍ୟାଚ୍‌ରେ ବାଲେଶ୍ୱର, ବରଗଡ଼ ନବରଙ୍ଗପୁର ମ୍ୟାଚ୍‌ରେ ନବରଙ୍ଗପୁର ବିଜୟୀ ହୋଇଛନ୍ତି। ସେହିପରି ପୁରୁଷ ବର୍ଗରେ ଅନୁଗୁଳ କୋରାପୁଟ ମ୍ୟାଚ୍‌ରେ କୋରାପୁଟ, ମାଲକାନଗିରି କେନ୍ଦ୍ରାପଡ଼ା ମ୍ୟାଚ୍‌ରେ କେନ୍ଦ୍ରାପଡ଼ା, କେନ୍ଦୁଝର କଟକ ମ୍ୟାଚ୍‌ରେ କଟକ ଓ ବରଗଡ଼ ନବରଙ୍ଗପୁର ମ୍ୟାଚ୍‌ରେ ନବରଙ୍ଗପୁର ଜିଲ୍ଲା ବିଜୟୀ ହୋଇଛନ୍ତି ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ସୂଚନା ଦେଇଛନ୍ତି।

ସ୍ୱର୍ଗଦ୍ୱାର ଆପ୍ ଲୋକାର୍ପିତ



### ‘ନୂଆ-ଓ’ ରାଜ୍ୟସ୍ତରୀୟ ଖୋଖୋ

# ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ

**ପୁରୀ, ୯।୨(ସମିସ)**

ପୁରୀ ଜିଲ୍ଲା ସ୍କୁଲଠାରେ ଅନୁଷ୍ଠିତ ହେଉଥିବା ରାଜ୍ୟ ସରକାରଙ୍କ ନୂଆ ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ଖୋ ଖୋ ପ୍ରତିଯୋଗିତାର ସେମିଫାଇନାଲ ଲାଇନ ଅପ୍ ଚୂଡାନ୍ତ ହୋଇଛି। ୧୦ ତାରିଖରେ ଫାଇନାଲ ଖେଳାଯିବ। ଉଭୟ ପୁରୁଷ ଓ ମହିଳା ବର୍ଗରେ ବାଲେଶ୍ୱର-ଜଗତ୍‌ସିଂହପୁର ଓ ଖୋର୍ଦ୍ଧା-ପୁରୀ ଜିଲ୍ଲା ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ନୂଆ ଓ କାର୍ଯ୍ୟକ୍ରମ ମାଧ୍ୟମରେ ସମଗ୍ର ରାଜ୍ୟର ୩୧୪ ବ୍ଲକରେ ଅନୁଷ୍ଠିତ ଖୋ ଖୋ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଜିଲ୍ଲାସ୍ତରୀୟ ପ୍ରତିଯୋଗିତା। ଜିଲ୍ଲା ସ୍ତରର ଶ୍ରେଷ୍ଠ ଦଳକୁ ସାମିଲ କରାଯାଇ ଆରମ୍ଭ ହୋଇଥିଲା ରାଜ୍ୟସ୍ତରୀୟ ପ୍ରତିଯୋଗିତା। ୩୦ଟି ପୁରୁଷ ଓ ୩୦ଟି ମହିଳା ଦଳ ଏଥିରେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାର ଉଭୟ ପୁରୁଷ ଓ ମହିଳା ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିବାକୁ ଥିବା ଦଳକୁ ୨ଲକ୍ଷ ଟଙ୍କା, ଦ୍ୱିତୀୟ ଦଳକୁ ୧ ଲକ୍ଷ ଟଙ୍କା, ତୃତୀୟ ଏବଂ ଚତୁର୍ଥ ଦଳକୁ ୫୦ ହଜାର ଟଙ୍କା ଓ ଶ୍ରେଷ୍ଠ ଖେଳାଳୀଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ସୂଚନା ଦେଇଛନ୍ତି।

## ନୂତନ ଅତିରିକ୍ତ ଜିଲ୍ଲାପାଳଙ୍କ ଯୋଗଦାନ

**ପୁରୀ, ୯।୨(ସମିସ):** ପୁରୀର ନୂତନ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଭାବେ ଶୁକ୍ରବାର ବିଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି ଶରତ ଚନ୍ଦ୍ର ବେହେରା। ପୂର୍ବରୁ ଅତିରିକ୍ତ ଜିଲ୍ଲାପାଳ ଥିବା ପ୍ରଦୀପ କୁମାର ସାହୁଙ୍କର ଶ୍ରୀମନ୍ଦିର ପ୍ରଶାସନକୁ ବଦଳି ହୋଇଥିଲା। ଶ୍ରୀ ବେହେରା ଏହା ପୂର୍ବରୁ ଓଡ଼ିଆ ସବ୍ ଅର୍ଡିନେଟ ଷ୍ଟାଫ ସିଲେକ୍ସନର ଯୁଗ୍ମ ସଚିବ ଭାବେ କାର୍ଯ୍ୟରତ ଥିଲେ। ତେବେ ଶ୍ରୀ ବେହେରା ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ କାର୍ଯ୍ୟାଳୟର କର୍ମଚାରୀ ଏବଂ ଅନ୍ୟ ଅଧିକାରୀମାନେ ସ୍ୱାଗତ ଜଣାଇଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଅଧିକାରୀ

**ପୁରୀ, ୯।୨(ସମିସ):** ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ମତମତପୁରସ୍ଥିତ ଆମ ଗାଁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଶୁକ୍ରବାର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଡିଡିଏମ୍ ସୁଦାମ ଚରଣ ମହାରଣା ପରିଦର୍ଶନ କରିଥିଲେ। ତାଙ୍କୁ ଗାଁ କଲ୍ୟାଣ ସମିତି ଅଧକ୍ଷ ତଥା ସାମାଜିକ ଅନୁଷ୍ଠାନ ‘ଅର୍ପଣ’ର ସମ୍ପାଦକ ଦେବଦତ୍ତ ମିଶ୍ର ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଉନ୍ନତିକରଣ ପାଇଁ ଦୃଷ୍ଟିଆକର୍ଷଣ କରିଥିଲେ। ପରିଦର୍ଶନ ସମୟରେ ପିଏଚ୍‌ଇଓ ବୈଦ୍ୟନାଥ ମିଶ୍ର, ବିପିଏ ବିଷ୍ଣୁପ୍ରିୟା ସ୍ୱାଇଁ, ସ୍ୱାସ୍ଥ୍ୟ କର୍ମୀ ସନାତନ ନାୟକ, ସୌଭାଗ୍ୟଲକ୍ଷ୍ମୀ ଦାସ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ସୁବାସିନୀ କୁଲୁ ପ୍ରମୁଖ ଉପସ୍ଥିତ ଥିଲେ।

ପୁରୀରେ ପହଞ୍ଚିଲା ପ୍ରଥମ ରଥକାଠ



## ବୁଡ଼ିଯାଉଥିବା ୪ ପର୍ଯ୍ୟଟକ ଉଦ୍ଧାର

**ପୁରୀ, ୯।୨(ସମିସ):** ପୁରୀ ସମୁଦ୍ରରେ ସ୍ନାନ କରୁଥିବା ବେଳେ ବିଭିନ୍ନ ସମୟରେ ଅଘଟଣ ଘଟୁଛି। ଅନେକ ସମୟରେ ପର୍ଯ୍ୟଟକ ମୃତାହତ ହେଉଛନ୍ତି। ତେବେ ଶୁକ୍ରବାର ୪ ଜଣ ପର୍ଯ୍ୟଟକ ବୁଡ଼ିଯାଉଥିବା ବେଳେ ତାଙ୍କୁ ଲାଇଫ୍‌ଗାର୍ଡମାନେ ଉଦ୍ଧାର କରିଛନ୍ତି। ସେମାନେ ହେଲେ ଝାଡ଼ଖଣ୍ଡ ଜାମ୍‌ସେଦପୁରର ଭିକି କୁମାର (୨୮), ପଶ୍ଚିମବଙ୍ଗ ପୂର୍ବ ମେଦିନିପୁରର ରିଶଭ ଶାହା (୨୯), ବର୍ଦ୍ଧମାନ ଜିଲ୍ଲାର ଅମିତ ମଣ୍ଡଳ (୩୨) ଏବଂ ହାୱଡାର ସୌରଭ ପାତ୍ର (୩୦)। ଏମାନେ ବିଭିନ୍ନ ସେକ୍ଟରରେ ଗାଧୋଉଥିବା ବେଳେ ଉଚ୍ଚ ଲହଡିରେ ପଡ଼ି ବୁଡ଼ିଯାଇ ଭିତରକୁ ଟାଣି ହୋଇଯାଉଥିଲେ। ସମ୍ପର୍କୀୟମାନେ ଉଦ୍ଧାର ପାଇଁ ଡାକ ପକାଇବାରୁ ନିକଟରେ ମୁତୟନ ଥିବା ଲାଇଫ୍‌ଗାର୍ଡମାନେ ଏମାନଙ୍କୁ ଉଦ୍ଧାର କରିଛନ୍ତି। ସମସ୍ତେ ସୁସ୍ଥ ଥିବା ଜଣାପଡ଼ିଛି। ତେବେ ବିଭିନ୍ନ ସମୟରେ ବାରଣ କରାଯାଉଥିବା ସ୍ଥାନରେ ପର୍ଯ୍ୟଟକମାନେ ଗାଧୋଉଥିବାରୁ ଏଭଳି ଅଘଟଣ ଘଟୁଥିବା କୁହାଯାଉଛି।

## କ୍ୟାମେରା ଚୋରି କରି ୨ ଗିରଫ

**ପୁରୀ, ୯।୨(ସମିସ):** ଅଠରଳନାସ୍ଥିତ ରୟାଲମଣ୍ଡପରେ ଏକ ବିବାହ ଉତ୍ସବରୁ କ୍ୟାମେରା ଚୋରି କରିଥିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ନରେନ୍ଦ୍ରକୋଣ ହରିଜନ ବସ୍ତିର ସମ୍ଭବ ନାୟକ ଏବଂ ତାଙ୍କ ସାଙ୍ଗ ଆଲାମଚଣ୍ଡୀ ଲେନ୍‌ର ସଂଗ୍ରାମ ମଲ୍ଲିକ। ସେମାନଙ୍କଠାରୁ ପୁଲିସ ଗୋଟିଏ ନିକନ କ୍ୟାମେରା, କ୍ୟାମେରା ବ୍ୟାଗ୍, ୨ଟି ଚାର୍ଜର ଏବଂ ୫ଟି ବ୍ୟାଟେରୀ ଜବତ କରିଛି। ଏମାନଙ୍କ ବିରୋଧରେ ଥାନାରେ ଏକ ମାମଲା (ନଂ.୪୫/୨୪) ରୁଜୁ କରାଯାଇ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ୬ ତାରିଖରେ ମଣ୍ଡପରୁ କ୍ୟାମେରା ଚୋରି ହୋଇଥିବା ନେଇ ପୁରୁଣା ସଦର ଥାନା ଅଞ୍ଚଳର ସନ୍ଦୀପ ସମର୍ଥା ଗୁରୁବାର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ କରି ସମ୍ଭବଙ୍କୁ ପ୍ରଥମେ ଗିରଫ କରିଥିଲା। ସମ୍ଭବ ଏହି କ୍ୟାମେରା ଚୋରି କରି ତାଙ୍କ ସାଙ୍ଗ ସଂଗ୍ରାମକୁ ଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡି ଟଙ୍କା ଚୋରି କରି ପିଅନ ନିଲମ୍ବିତ

**ପୁରୀ, ୯।୨(ସମିସ):** ଶ୍ରୀମନ୍ଦିର ଟଙ୍କା ଗଣତି ବେଳେ ଚୋରି କରି ଧରାପଡ଼ିଥିଲେ ପିଅନ ପ୍ରଦୀପ୍ତ ମହାପାତ୍ର। ବୁଧବାର ସନ୍ଧ୍ୟାରେ ସେ ପ୍ରାୟ ୩୯ ହଜାର ଟଙ୍କା ଚୋରି କରିଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା। ଏ ନେଇ ଗୁରୁବାର ତାଙ୍କ ନାଁରେ ସିଂହଦ୍ୱାର ଥାନାରେ ନୀତି ପ୍ରଶାସନ ଏତଲା ଦେଇଥିଲେ। ଏହି ଏତଲାକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରିବା ପରେ ତାଙ୍କୁ ମନ୍ଦିର ପ୍ରଶାସନ ନିଲମ୍ବିତ କରିଛି। ତେବେ ବାରମ୍ବାର ଏଭଳି ଘଟଣାର ପୁନରାବୃତ୍ତି ହେଉଥିଲେ ମଧ୍ୟ ମନ୍ଦିର ପ୍ରଶାସନ ପକ୍ଷରୁ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ଭକ୍ତଙ୍କ ଦାନ ଅର୍ଥକୁ ଚୋରି କରିବାର ଏକ ଖରାପ ପରମ୍ପରା ସୃଷ୍ଟି ହେଉଛି। ସୂଚନା ଅନୁଯାୟୀ, ଗତ ଗୁରୁବାର ଅପରାହ୍ନରେ ଶ୍ରୀମନ୍ଦିର ଭିତରେ ଡୋନେସନ ସେଲ୍‌ରେ ଟଙ୍କା ଗଣତି ହେଉଥିଲା। ଅନ୍ୟ କର୍ମଚାରୀ ଏବଂ ଅଧିକାରୀଙ୍କ ସହ ପ୍ରଦୀପ୍ତଙ୍କର ମଧ୍ୟ ଟଙ୍କା ଗଣତି ଡ୍ୟୁଟି ଥିଲା। ମଝିରୁ ସେ ପରିଶ୍ରା କରିବାକୁ କହି ଉଠିଯାଇଥିଲେ। ମାତ୍ର ଏଥିରେ ଅଧିକାରୀଙ୍କ ସନ୍ଦେହ ହୋଇଥିଲା। ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯିବା ପରେ ତାଙ୍କଠାରୁ ପ୍ରାୟ ୩୫ ହଜାରରୁ ଅଧିକ ଟଙ୍କା ଜବତ ହୋଇଥିଲା।

## ନୂଆନଈ ବ୍ରିଜ୍ ଉପରୁ ହରିଣ ଉଦ୍ଧାର

**ପୁରୀ, ୯।୨(ସମିସ):** ପୁରୀ-କୋଣାର୍କ ରାସ୍ତାର ନୂଆନଈ ବ୍ରିଜ୍ ଉପରୁ ଏକ ହରିଣକୁ ଶୁକ୍ରବାର ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ବାଲୁଖଣ୍ଡ ଅଭୟାରଣ୍ୟରୁ ହରିଣଟି ବାଟବଣା ହୋଇ ନୂଆନଈ ବ୍ରିଜ୍ ଉପରକୁ ଚାଲି ଆସିଥିଲା। ଲୋକମାନେ ହରିଣକୁ ଦେଖି ବେଶ୍ ଖୁସି ହୋଇଥିଲେ। ସେହି ରାସ୍ତା ଦେଇ ଯାଉଥିବା ପର୍ଯ୍ୟଟକ ମଧ୍ୟ ହରିଣ ସହ ସେଲ୍‌ଫି ନେଇଥିଲେ। ତେବେ ସ୍ଥାନୀୟ ଲୋକେ ଡିଏଫଓଙ୍କୁ ଫୋନ୍ କରି ଘଟଣା ସମ୍ପର୍କରେ ଅବଗତ କରିଥିଲେ। ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହରିଣକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଅଭୟାରଣ୍ୟରେ ଛାଡିଥିଲେ।

# ପଞ୍ଚମ ‘ଆରମ୍ଭ’ ମହୋତ୍ସବ ଉଦ୍‌ଘାଟିତ

### ସହିଦ ମନୋରଞ୍ଜନ ଲେଙ୍କାଙ୍କ ମା’ଙ୍କୁ ‘ଆରମ୍ଭ ସହିଦ ସମ୍ମାନ’



### ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ସୁରେନ୍ଦ୍ର ମିଶ୍ରଙ୍କୁ ‘ଆରମ୍ଭ ସଂସ୍କୃତି ସମ୍ମାନ’

**ପୁରୀ, ୯।୨(ସମିସ):** ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ ଆରମ୍ଭ ଆନୁକୂଲ୍ୟରେ ପଞ୍ଚମ ଆରମ୍ଭ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ ସେବାୟତ ତଥା ଅନୁଷ୍ଠାନର ସଭାପତି ଗୋପାଳ ଚନ୍ଦ୍ର ଖୁଣ୍ଟିଆଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଯୁବ ବିଜେଡିର ରାଜ୍ୟ ଉପସଭାପତି ସୁନୀଲ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ଅଭ୍ୟର୍ଥନା କମିଟି ଅଧକ୍ଷ ଦିବାକର ପାତ୍ର, କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ମିଶ୍ର, ଉପସଭାପତି ସମୀର ଶତପଥୀ, ସାଧାରଣ ସମ୍ପାଦକ ଦେବାଶିଷ ସିଂ, ଜମ୍ମେଶ୍ୱର ମହାନ୍ତି, ସୁବର୍ଣ୍ଣ ଅଳଙ୍କାରର ପରିଚାଳକ ଅଭିଷେକ ବନାନୀ, ମୁଖ୍ୟ ଉପଦେଷ୍ଟା ଭରତ କୁମାର ନାୟକ, ଉପଦେଷ୍ଟା ଅବିନାଶ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଶହୀଦ ମନୋରଞ୍ଜନ ଲେଙ୍କାଙ୍କ ମା’ଙ୍କୁ ଆରମ୍ଭ ଶହୀଦ୍ ସମ୍ମାନ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କୁ ଆରମ୍ଭ ସଂସ୍କୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ପୁରୀ ସଦର ବ୍ଲକର ବିଭିନ୍ନ ପଞ୍ଚାୟତର ଶ୍ରୀକ୍ଷେତ୍ର ଲକ୍ଷ୍ମୀ ପ୍ରତିଯୋଗିତାର କୃତି ପ୍ରତିଭାମାନଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିଶୁଶିଳ୍ପୀ ଅଦ୍ୱୈତା ପାଣିଗ୍ରାହୀଙ୍କ ଏକକ ଶାସ୍ତ୍ରୀୟ ନୃତ୍ୟ, ନବଦୁର୍ଗା ନୃତ୍ୟ, ଅନୁଷ୍ଠାନ କଳାକାରମାନଙ୍କ ଦ୍ୱାରା ଭଜନ ନୃତ୍ୟ, ନୀଳାଦ୍ରି ୟୁଥ୍ କଲ୍‌ଚରାଲ ଏକାଡେମୀ ପକ୍ଷରୁ ଦେଶାତ୍ମବୋଧକ ନୃତ୍ୟ, ଆରମ୍ଭ ପରିବାର ପକ୍ଷରୁ ନୃତ୍ୟ ବିଚିତ୍ରା ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ପୀୟୁଷ କୁମାର ପଟ୍ଟନାୟକ ଓ ଶ୍ୟାମପ୍ରକାଶ ସେନାପତି ସଂଚାଳନ କରିଥିଲେ।

## ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ

**ପୁରୀ, ୯।୨(ସମିସ):** ପ୍ରତି ଅମାବାସ୍ୟାରେ ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥାନ୍ତି। ଶୁକ୍ରବାର ତ୍ରିବେଣୀ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥିଲେ। ମହାଜନ ସେବକ ଅମାବାସ୍ୟା ନାରାୟଣଙ୍କୁ ହାତରେ ଧରି ପାଲିଙ୍କିରେ ବିଜେ କରାଇଥିଲେ। ପାଲିଙ୍କି ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ସମୁଦ୍ରକୂଳରେ ବିଜେ କରାଯାଇଥିଲା। ସେଠାରେ ନୀତି ଅନୁଷ୍ଠିତ ହୋଇଥିଲା। ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣି ପଣ୍ଡାଙ୍କୁ ଦେବାପରେ ତାହାକୁ ସଂସ୍କାର ପରେ ଠାକୁରଙ୍କୁ ଲାଗି କରାଯାଇଥିଲା। ସାବତ ନିଯୋଗ ପକ୍ଷରୁ ପଣା ଭୋଗ, କର୍ପୂର ଆଳତି, ବନ୍ଦାପନା, ସଞ୍ଜ କାହାଳୀ ଆଳତି ପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ପାଲିଙ୍କିରେ ନେଇ ଜମେଶ୍ୱର ମହାଦେବଙ୍କ ମନ୍ଦିର ଦେଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।



### ଦେଉଳି ମଠରେ ଜଗନ୍ନାଥ ପଞ୍ଚରାତ୍ର ଆରମ୍ଭ

# ମହାପ୍ରଭୁଙ୍କ ୨୪ ବେଶ ଦର୍ଶନ କରି ଭକ୍ତ ବିମୋହିତ

**କାକଟପୁର/ଗମ୍ଭାରୀପଦା, ୯ ।୨(ସମିସ)**



ପୁରୀ ଜିଲ୍ଲା କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ଆଦ୍ୟ ଲୀଳାସ୍ଥଳୀ ଦେଉଳିମଠରେ ଏକ ଆଧାଠିକ ପରିବେଶ ମଧ୍ୟରେ ଆରମ୍ଭ ହୋଇଛି ବାର୍ଷିକୀ ଜଗନ୍ନାଥ ପାଞ୍ଚରାତ୍ର। ଏହି ଉତ୍ସବରେ ଜଗନ୍ନାଥଙ୍କ ୨୪ବେଶ ଓ ଛପନ ଭୋଗ ପ୍ରଦର୍ଶନ ସହ ସ୍କନ୍ଦ ପୁରାଣ ଅନ୍ତର୍ଗତ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମହ୍ରାଁ ପାରାୟଣ ଓ ପ୍ରବଚନ ଆରମ୍ଭ ହୋଇଛି। ମହାପ୍ରଭୁ ଜଗନ୍ନାଥ ଉତ୍କଳୀୟଙ୍କ ପ୍ରାଣପିଣ୍ଡ ଶ୍ରୀଜଗନ୍ନାଥ ସଂସ୍କୃତି ଯେତିକି ନିଆରା ମନଲୋଭା ହୋଇଛି ମଣିମାଙ୍କ ବେଶ। ପ୍ରତ୍ୟେକ ଦିନ ସହ ବାର ମାସରେ ମହାପ୍ରଭୁ ବିଭିନ୍ନ ପ୍ରକାର ବେଶ ପରିଧାନ ହୋଇଥାନ୍ତି ତନ୍ମଧ୍ୟରୁ ଏଠାରେ ମହାପ୍ରଭୁଙ୍କ ୨୪ବେଶ ଦର୍ଶନ କରିବା ପାଇଁ ଭବ୍ୟ ଆୟୋଜନ କରାଯାଇଛି। ମହାପ୍ରଭୁଙ୍କ ଦ୍ୱାରଫିଟାରୁ ଆରମ୍ଭ କରି ଦିନଚର୍ଯ୍ୟା ବର୍ଷ ତମାମ ବିଭିନ୍ନ ଯାତ୍ରାର ବେଶ କରାଯାଇଛି। ମହାପ୍ରଭୁଙ୍କ ସମ୍ବନ୍ଧରେ କିଛି ଜ୍ଞାନ ଅର୍ଜନ କରିବା ସହ ଭକ୍ତ ଜାଣିବା ପାଇଁ ମହାପ୍ରଭୁଙ୍କ କେଉଁଦିନ କେଉଁ ବେଶ ହୁଏ ସାଧୁସନ୍ଥଙ୍କ ଦ୍ୱାରା ପ୍ରବଚନ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପୁରୀ ରାଧାବଲ୍ଲଭ ମଠର ମୁଖ୍ୟ ପୂଜ୍ୟ ରାମକୃଷ୍ଣ ଦାସ, ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ସତ୍ୟାନନ୍ଦ ଦାସ ମହାରାଜ, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ପ୍ରମୁଖ ଯୋଗଦେଇଥିବାବେଳେ ଧର୍ମାନନ୍ଦ ସୁବୁଦ୍ଧି, ଜଗନ୍ନାଥ ସ୍ୱାଇଁ, ପ୍ରଭାସ କୁମାର ପୃଷ୍ଟି ଏବଂ ମିଟୁରଞ୍ଜନ ଦୀକ୍ଷିତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଉତ୍ସବ ପାଞ୍ଚ ଦିନ ବ୍ୟାପି ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି।

## ପ୍ରାଚୀ ବୌଦ୍ଧ ପୀଠରେ ତ୍ରୀବେଣୀ ମହୋତ୍ସବ



**ଚାରିଛକ, ୯।୨(ସମିସ):** ତ୍ରିବେଣୀ ଅମାବାସ୍ୟା ଅବସରରେ ପ୍ରାଚୀତଟ ବୌଦ୍ଧପୀଠ ବୀର ସିଂହଗାଦୀ ପରିସରରେ ପ୍ରାଚୀତୀର୍ଥ ମହାସ୍ନାନ ମଣ୍ଡପରେ ବିରାଜିତ ବୌଦ୍ଧ ଜଗନ୍ନାଥଙ୍କ ଦର୍ଶନ, ଧର୍ମଚକ୍ର ପୂଜନ, ବ୍ରହ୍ମଯଜ୍ଞ ଦର୍ଶନ, ଅଖଣ୍ଡ ନାମଯଜ୍ଞ.ସଂକୀର୍ତ୍ତନ ତଥା ସାମୂହିକ ଶ୍ରୀ ଗୀତଗୋବିନ୍ଦ ଗାୟନ ଗାୟନ ପାଇଁ ଭକ୍ତମାନଙ୍କ ଭିଡ ଦେଖିବାକୁ ମିଳିଛି। ସୁହାଗପୁର ଗ୍ରାମବାସୀ କାର୍ଯ୍ୟକୁ ପରିଚାଳନା କରୁଛନ୍ତି। ପୀଠର ଅନ୍ତିମ ବୌଦ୍ଧସନ୍ଥ ବୀର ସିଂହ ତ୍ରିବେଣୀ ଅମାବାସ୍ୟା ପାବନ ଦିବସରେ ପୀଠ ମଣ୍ଡପ ମଧ୍ୟଭାଗରେ ବୌଦ୍ଧ ଜଗନ୍ନାଥଙ୍କୁ ବସାଇ ପୂଜାର୍ଚ୍ଚନା ପ୍ରାରମ୍ଭ କରିଥିଲେ। ବରିଷ୍ଠ ପ୍ରାଚୀ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ଠାରୁ ଏ ତଥ୍ୟ ଜାଣିବାପରେ ସରକାର ଏହି ପୀଠର ବିକାଶ ପ୍ରତି ଶୁଭଦୃଷ୍ଟି ଦେଇଛନ୍ତି। ପ୍ରାଚୀ ତଟର ବରିଷ୍ଠ ଐତିହାସିକ ଡଃ ସନ୍ତୋଷ କୁମାର ମିତ୍ର ଏହି ଦେବ ପୀଠର ବିକାଶ କାମନା କରିଛନ୍ତି।

## ବଲଙ୍ଗା ଓ ନୂଆସନ୍ଥରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ବଲଙ୍ଗା, ୯ ।୨(ସମିସ)**




ବଲଙ୍ଗା ଥାନା ଅନ୍ତର୍ଗତ ନିମାପଡ଼ା ନିର୍ବାଚନ ମଣ୍ଡଳୀର ବଲଙ୍ଗା ଓ ନୁଆସନ୍ଥ ପଞ୍ଚାୟତ ରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ, ଯୋଗଦେଇ ମହିଳା ବିକାଶ ସଶକ୍ତିକରଣ, ଶିକ୍ଷା ଅନୁଷ୍ଠାନ ରୂପାନ୍ତକରଣ, କ୍ରୀଡା ଭିତ୍ତିଭୂମି ବିକାଶ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ଧାର୍ମିକସ୍ଥଳୀର ବିକାଶ, ଗମନାଗମନ, ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗଣ ପ୍ରଭୃତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉନ୍ନୟନମୂଳକ ଯୋଜନା ଉପରେ ଆଲୋକପାତ କରିଥିଲେ। ବ୍ଲକ ଅଧକ୍ଷ ଶଙ୍କର ଭୋଇ, ଉପାଧକ୍ଷା ଅନୁସୂୟା ମହାନ୍ତି, ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ଜିଲ୍ଲା ପରିଷଦ ପ୍ରଦୀପ୍ତ ଖଟୋଇ, ଯନ୍ତ୍ରୀ ଗୌରାଙ୍ଗ ସିଠ, ସରପଞ୍ଚ ଅଞ୍ଜଳି ପ୍ରଧାନ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ସମିତି ସଭ୍ୟ ପ୍ରକାଶ ସାହୁ, ଦୁର୍ଗା ପ୍ରସାଦ ପ୍ରଧାନ, ପଞ୍ଚାୟତ ସଭାପତି କୃପାସିନ୍ଧୁ ଦତ୍ତ, ସୁକାନ୍ତ ବରାଳ, ବିରଞ୍ଚି ନାରାୟଣ ମହାନ୍ତି, ରାମଚନ୍ଦ୍ର ବେହେରା ପ୍ରମୁଖ ପଞ୍ଚାୟତସ୍ତରୀୟ ଜନ ପ୍ରତିନିଧି, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ଜନସାଧାରଣ ବିପୁଳ ସଂଖ୍ୟାରେ ଯୋଗ ଦେଇଥିଲେ।

### ନବୋଦୟ ବିଦ୍ୟାଳୟ ପକ୍ଷରୁ 'ଫୁଟବଲ ଫର୍ ସ୍କୁଲ' କାର୍ଯ୍ୟକ୍ରମ

## ଜିଲ୍ଲାର ୨୧୦ ହାଇସ୍କୁଲକୁ ଦିଆଯିବ ଫୁଟବଲ



**କୋଣାର୍କ, ୯ ।୨(ସମିସ):** ଶୁକ୍ରବାର ପ୍ରଧାନମନ୍ତ୍ରୀ ଶ୍ରୀସ୍କୁଲ୍ କୋଣାର୍କ ଜବାହର ନବୋଦୟ ବିଦ୍ୟାଳୟ ପକ୍ଷରୁ 'ଫୁଟବଲ ଫର୍ ସ୍କୁଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ନବୋଦୟ ବିଦ୍ୟାଳୟର ଅଧକ୍ଷ ନୃସିଂହ ଚରଣ କରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ନବୋଦୟ ବିଦ୍ୟାଳୟ ସମିତିର କୋଣାର୍କସ୍ଥିତ ରାଷ୍ଟ୍ରୀୟ ନେତୃତ୍ୱ ପ୍ରତିଷ୍ଠାନ(ଏନ୍ଏଲ୍ଆଇ)ର ଡେପୁଟି କମିଶନର କୁସୁମ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ କାନାରା ବ୍ୟାଙ୍କର କୋଣାର୍କ ଶାଖା ପ୍ରବନ୍ଧକ ମନୋଜ ପ୍ରଭାକର, ସରକାରୀ ହାଇସ୍କୁଲ, କୋଣାର୍କର ପ୍ରଧାନଶିକ୍ଷକ ନିହାର ପ୍ରସାଦ ଲେଙ୍କା, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଓ ନବୋଦୟ ବିଦ୍ୟାଳୟର ଉପାଧକ୍ଷା ସୁନୀତି ସ୍ୱାଇଁ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେବା ସହିତ ପୁରୀ ଜିଲ୍ଲାର ବିଭିନ୍ନ ହାଇସ୍କୁଲରୁ ଆସିଥିବା କ୍ରୀଡା ଶିକ୍ଷକ ଓ ଫୁଟବଲ ଖେଳାଳିଙ୍କୁ ଫୁଟବଲ ବିତରଣ କରିଥିଲେ। ଆଜି ପ୍ରଥମ ପର୍ଯ୍ୟାୟରେ ପୁରୀ ଜିଲ୍ଲାର ୨୮ଟି ହାଇସ୍କୁଲକୁ ଫୁଟବଲ ବିତରଣ କରାଯାଇଛି। ପର୍ଯ୍ୟାୟକ୍ରମେ ଜିଲ୍ଲାର ସମସ୍ତ ୨୧୦ଟି ହାଇସ୍କୁଲକୁ ଫୁଟବଲ ବିତରଣ କରାଯିବ ବୋଲି ନବୋଦୟ ଅଧକ୍ଷ ଶ୍ରୀ କର ପ୍ରକାଶ କରିଛନ୍ତି।

ଏହି ଅବସରରେ ଆୟୋଜିତ ଫୁଟବଲ୍ ମ୍ୟାଚ୍‌ରେ ନବୋଦୟ ବିଦ୍ୟାଳୟକୁ ୪-୧ ଗୋଲରେ ହରାଇ ସରକାରୀ ହାଇସ୍କୁଲ( ଏସ୍ଏସଡି) ଚମ୍ପିୟାନ ଟ୍ରଫି ହାସଲ କରିଥିଲା। ନବୋଦୟ ବିଦ୍ୟାଳୟ ରନର୍ସ ଅପ୍ ଟ୍ରଫି ହାସଲ କରିଥିଲା। ପୁରୀ ଜିଲ୍ଲାରେ ଫୁଟବଲ କ୍ରୀଡ଼ାର ବିକାଶ ପାଇଁ କୋଣାର୍କ ଜବାହର ନବୋଦୟ ବିଦ୍ୟାଳୟ ନୋଡାଲ ସଂଗଠନ ଭାବରେ ଦାୟିତ୍ୱ ନିର୍ବାହ କରୁଥିବା ଡେପୁଟି କମିଶନର କୁସୁମ ସିଂହ କହିଛନ୍ତି।

## ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଗମ୍ଭାରୀପଦା /କାକଟପୁର, ୯ ।୨(ସମିସ):** କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କ୍ରୀଡା ଉତ୍ସବ ଅବସରରେ କାକଟପୁର ବ୍ଲକ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଆଲୁମିନି ସଭାପତି ସ୍ୱପ୍ନେଶ୍ୱର ସାହୁ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। କିଶୋର କିଶୋରୀ ବାଳକ ବାଳିକାମାନଙ୍କର କ୍ରୀଡ଼ା ଶାରୀରିକ ସ୍ୱାସ୍ଥ୍ୟ ଓ ମାନସିକ ସ୍ୱାସ୍ଥ୍ୟ ବିକାଶ ପାଇଁ ସହାୟକ ବୋଲି ବକ୍ତାଗଣ ମତ ପ୍ରକାଶ କରିଥିଲେ।ପ୍ରଥମ ଦିନ ଶକ୍ତିପୀଠ ମା'ମଙ୍ଗଳା ମନ୍ଦିରରୁ ମଶାଲ ଆଣି କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। ଉଭୟ ବରିଷ୍ଠ ତଥା କନିଷ୍ଠ ବିଭାଗର ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରା ଯାଇଥିଲା। ଏଥିରେ ୩୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ବାଳକ ବର୍ଗରେ ୯ମ ଶ୍ରେଣୀରଛାତ୍ର ସେକ୍ ସଫିତୁଲ୍ଲା ଓ ବାଳିକା ବର୍ଗରେ ୯ମ ଛାତ୍ରୀ ପ୍ରିତିପ୍ରିୟା ପରିଡ଼ା ଚାମ୍ପିଅନ ହେଇଛନ୍ତି।ସେହିପରି କନିଷ୍ଠ ବର୍ଗରେ ୮ମ ଶ୍ରେଣୀର ରୋନକ ବରାଳ ଓ ପ୍ରିତିପ୍ରଜ୍ଞା ସ୍ୱାଇଁ ଚାମ୍ପିଅନ ହୋଇଛନ୍ତି। କାର୍ଯ୍ୟକ୍ରମକୁ ବିଦ୍ୟାଳୟର କ୍ରୀଡାଶିକ୍ଷକ ସତ୍ୟ ନାରାୟଣ ସେଠୀ, ବରିଷ୍ଠ ଶିକ୍ଷକ ପ୍ରତାପ ରାଉତ, ପୀତବାସ ଦୀକ୍ଷିତ୍, ଗୀତାଞ୍ଜଳି ବେହେରା, ସ୍ୱପ୍ନା ମହାପାତ୍ର, କାବେରୀ ସେଠୀ, ସରୋଜିନୀ ହାନ୍ସଦା, ପ୍ରଗତି ପୃଷ୍ଟି ଓ ଦିଲ୍ଲୀପ କୁମାର କାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ।

### ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଂଘର ବୈଠକ

## ୭ ଦଫା ଦାବି ସମ୍ପର୍କରେ ଆଲୋଚନା



**ଅସ୍ତରଙ୍ଗ, ୯ ।୨(ସମିସ):** ଅସ୍ତରଙ୍ଗ ଥାନା ନିକଟସ୍ଥ ଜ୍ଞାନଦେବୀ କଲ୍ୟାଣ ମଣ୍ଡପରେ ଶୁକ୍ରବାର ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଡାକି ରାଜ୍ୟ ସରକାରଙ୍କ ଉଦେଶ୍ୟରେ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଛନ୍ତି। ସଂଘର ରାଜ୍ୟ ସଭାପତି ଅମରେଶ୍ୱର ମଲ୍ଲିକଙ୍କ ନେତୃତ୍ୱରେ ପୁରୀଜିଲ୍ଲାର ବିଭିନ୍ନ ଥାନା ଅଧୀନରେ ଥିବା ଗ୍ରାମରକ୍ଷୀ ଯୋଗଦେଇଥିଲେ। ସଙ୍ଘ ପକ୍ଷରୁ ବିଭିନ୍ନ ସମାସ୍ୟା ଓ ୭ ଦଫା ଦାବିରେ ସମ୍ପର୍କରେ ରାଜ୍ୟ ସରକାରଙ୍କ ଉଦେଶ୍ୟରେ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସାତ ଦଫା ଦାବି ଭିତରେ ବହିଷ୍କାର କରିଥିବା ଗ୍ରାମରକ୍ଷୀଙ୍କୁ ୨୦ଲକ୍ଷ ଟଙ୍କା କ୍ଷତି ପୂରଣ, ଓ ପରିବାରର ଜଣଙ୍କୁ ଚାକିରି, ଗୃହରକ୍ଷୀ ପଦବୀକୁ ସରକାରୀ ମାନ୍ୟତା ଦେବା ଶହ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବା, ଗ୍ରାମରକ୍ଷୀଙ୍କୁ ଭିଲେଜ କାର୍ଡ ପରିବର୍ତ୍ତେ ଭିଲେଜ ପୁଲିସର ମାନ୍ୟତା, ଓଡ଼ିଶାରେ ଖାଲି ପଡ଼ିଥିବା ସମସ୍ତ ଗ୍ରାମରକ୍ଷୀ ପଦବୀ ପୂରଣ ଏବଂ ସେମାନଙ୍କୁ ପୁଲିସ କର୍ମଚାରୀ ଭାବେ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ରଦାନ, କୌଣସି ଗ୍ରାମରକ୍ଷୀ ମୃତ୍ୟୁବରଣ କଲେ ତାଙ୍କ ପରିବାରକୁ ୧୨ଲକ୍ଷ୍ୟ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ଦାବି ହେଉଛି। ଗ୍ରାମରକ୍ଷୀ ସଂଘର ରାଜ୍ୟ ସଭାପତି ଅମରେଶ୍ୱର ମଲ୍ଲିକ, ଅସ୍ତରଙ୍ଗରୁ କୈଳାସ ମଲ୍ଲିକ, ମୁରଲୀ ମଲ୍ଲିକ, ଅଲେଖ ମଲ୍ଲିକ, କାକଟପୁର ବିପିନ ମଲ୍ଲକ, ନବଘନ ମଲ୍ଲିକ, ଯୁଗଳ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ସୁର ମଲ୍ଲିକ, ସାକ୍ଷୀଗୋପାଳରୁ ସର୍ବେଶ୍ୱର, ବଳଙ୍ଗାରୁ ପ୍ରଶାନ୍ତ, ଚନ୍ଦନପୁରରୁ ଭାସ୍କର ମଲ୍ଲିକ, ଡେଲାଙ୍ଗରୁ ଶଙ୍କର ମଲ୍ଲିକ, ପିପିଲିରୁ ରବି ମଲ୍ଲିକ, ନିମାପଡ଼ାରୁ ବିଚିତ୍ରାନନ୍ଦ ମଲ୍ଲିକ, ଗୋପରୁ ମହେଶ୍ୱର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

## ମା' ଉକୁଲେଇଙ୍କ ଜନ୍ମ ମହୋତ୍ସବ ଓ ତ୍ରିବେଣୀ ବୁଡ଼

ଅସ୍ତରଙ୍ଗ, ୯ ।୨(ସମିସ):ପୁରୀ ଜିଲ୍ଲା ଅସ୍ତରଙ୍ଗର ଅଧିଷ୍ଠାତ୍ରୀ ଦେବୀ ମା'ଉକୁଲେଇଙ୍କ ପିଠରେ ପବିତ୍ର ତ୍ରିବେଣୀ ଅମାବାସ୍ୟାରେ ମା'ଙ୍କ ଜନ୍ମ ମହୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ନୀତି ଅନୁଯାୟୀ ମା'ଉକୁଲେଇଙ୍କ ପୀଠରେ ଜନ୍ମ ମହୋତ୍ସବ ପାଳିତ ହୋଇଥିଲା। ଏଥିପାଇଁ ରାଜ୍ୟର କୋଣ ଅନୁକୋଣରୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମା'ଙ୍କ ପାଖରେ ମାନସିକ କରି ଗୁଆ ଓ କଳସି ବସାଇଲେ ଯେକୌଣସି ଦୁରାରୋଗ୍ୟ ସହିତ ବିଭିନ୍ନ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି ଏହି ଅବସରରେ ତ୍ରିବେଣୀ ଯାତ୍ରାପାଇଁ ସ୍ଥାନୀୟ ଅଗ୍ରଣୀ ଯୁବ ଅନୁଷ୍ଠାନ ସିଦ୍ଧେଶ୍ୱର କ୍ଲବ୍ ଆନୁକୂଲ୍ୟରେ ଅପେରା ଶ୍ରୀକ୍ଷେତ୍ର ଗଣନାଟ୍ୟ ପକ୍ଷରୁ ନାଟକ ପରିବେଷଣ କରାଯାଉଛି। ଅସ୍ତରଙ୍ଗ ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ନୂତନ ବିଡିଓଙ୍କୁ ସମ୍ବର୍ଦ୍ଧନା

**କାକଟପୁର, ୯ ।୨(ସମିସ):** କାକଟପୁର ବ୍ଲକରେ ନୂତନ ଭାବେ ନିଯୁକ୍ତି ପାଇଥିବା ମଣ୍ଡଳ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦଙ୍କୁ ଶୁକ୍ରବାର ଦିନ ବ୍ଲକ ପରିସରସ୍ଥ ଅଡିଟୋରିୟମ ସଭାଗୃହରେ ସମ୍ବର୍ଦ୍ଧିତ କରାଯାଇଛି।ବ୍ଲକ ଅଧକ୍ଷ ଶ୍ରୀଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବ୍ଲକର ୧୬ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟମାନେ ବ୍ଲକ ଅଧୀନରେ ଥିବା ସମସ୍ତ ଅଫିସର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ।

## ଦୁଇ ବଖରା ଜଳିଗଲା

ସାକ୍ଷୀଗୋପାଳ, ୯ ।୨(ସମିସ): ସତ୍ୟବାଦୀ ବ୍ଲକ ବଳପୁର ପଞ୍ଚାୟତ ଅନ୍ତର୍ଗତ ଦାସସାହିରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଗୁହାଳ ଘର ଜଳିଯାଇଛି। ସୁଦର୍ଶନ ଦାସଙ୍କ ଗୁହାଳ ଘରେ ମଶାରୁ ରକ୍ଷା ପାଇବା ପାଇଁ ଘସି ଧୂଆଁ ଦେଇଥିଲେ। ସେଥିରୁ ନିଆଁ ଉଠି ଘର ପୋଡିଯାଇଛି ବୋଲି କୁହାଯାଉଛି। ଅଗ୍ନିକାଣ୍ଡ ଖବର ପାଇ ସତ୍ୟବାଦୀ ଅଗ୍ନିଶମ ବିଭାଗ ଅଧିକାରୀ ମନୋଜ କୁମାର ନାୟକ ଦୁଇଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ କରିଥିଲେ। ନିଆଁ ଲାଗି ଯାଇଥିବା ଦେଖି ଗୁହାଳରୁ ଗାଈଗୋରୁ ଲୋକମାନେ ଫିଟାଇ ବାହାରକୁ ବାହାର କରି ଦେଇଥିବାରୁ କୌଣସି ପଶୁଙ୍କର କ୍ଷତି ଘଟିନାହିଁ।

## ନୟାହାଟ କଲେଜରୁ ସାପ ଉଦ୍ଧାର

**ନୟାହାଟ, ୯ ।୨(ସମିସ):** ନୟାହାଟ କଲେଜରୁ ଏକ ବିଶାଳ ନାଗ ସାପ ଗତ କିଛି ଦିନ ହେବ ସିଡ଼ିଘରେ ରହୁଥିଲା। ସେହି ଘର ଭିତରେ କିଛି ଅନାବଶ୍ୟକ ଜିନିଷ ରହିଥିଲା। ସିଡିଘର ତଳୁ କାଠ ଓ ପେଟି କାଢ଼ିବା ସମୟରେ ନାଗସାପ ଥିବା କଲେଜର ଜଣେ କର୍ମଚାରୀଙ୍କ ଦୃଷ୍ଟି ଗୋଚରକୁ ଆସିଥିଲା। ସାପ ଧରାଳି ସୁଦର୍ଶନଙ୍କୁ ଡକାଇ ସାପଟିକୁ ଉଦ୍ଧାର କରାଯାଇ ଜଙ୍ଗଲରେ ଛାଡିଦିଆଯାଇଛି।

## ମୋବାଇଲ ଦୋକାନରୁ ଚୋରି

**ନୟାହାଟ, ୯ ।୨(ସମିସ):** ନୟାହାଟ ଡାକଘର ପାଖରେ ଥିବା ସଂଗ୍ରାମ ସାହୁଙ୍କ ମୋବାଇଲ ଦୋକାନରୁ ଗୁରୁବାର ବିଳମ୍ବିତ ରାତିରେ ୭୦ ହଜାର ଟଙ୍କା ଓ ନଗଦ ୭ ହଜାର ଟଙ୍କା ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ଏସମ୍ପର୍କ ରେ ଶୁକ୍ରବାର ଦିନ ନୟାହାଟ ଫାଣ୍ଡିରେ ଶ୍ରୀ ସାହୁ ଅଭିଯୋଗ ପରେ ଫାଣ୍ଡି ଅଧିକାରୀ ଅଭିଯୋଗ ପାଇଲା ପରେ ତଦନ୍ତ ଆରମ୍ଭ କରିଛନ୍ତି।

## ୧୧ରୁ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

**ନିମାପଡ଼ା, ୯।୨(ସମିସ):** ସ୍ଥାନୀୟ ବାରବାଟୀ ପଡ଼ିଆରେ ନିମାପଡ଼ା ଆଥ୍‌ଲେଟିକ ଆସୋସିଏସନ ପକ୍ଷରୁ ଆସନ୍ତା ୧୧ତାରିଖରୁ ରାଜ୍ୟସ୍ତରୀୟ ପଦ୍ମଚରଣ ସାମନ୍ତସିଂହାର ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ୧୧ତାରିଖ ଉଦ୍‌ଘାଟନୀ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ୟୁନାଇଟେଡ ଫୁଟବଲ କ୍ଲବ ଗଣ୍ଡରପୁର ସହିତ ଉତ୍କଳ ସ୍ପୋର୍ଟିଂ ଜଟଣୀ ମଧ୍ୟରେ ହେବ। ସେହିପରି ୧୨ତାରିଖ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ନିମାପଡ଼ା ଆଥ୍‌ଲେଟିକ ଆସୋସିଏସନ ଏବଂ ଶ୍ରୀ ନୀଳଚକ୍ର ସ୍ପୋର୍ଟ୍ସ ପୁରୀ, ୧୩ ତାରିଖରେ ପ୍ରଥମ ସେମିଫାଇନାଲ ଖେଳାଯିବ, ୧୪ ତାରିଖ ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ ଭଞ୍ଜନଗର ଫୁଟବଲ ଆସୋସିଏସନ ସହିତ ଡାଇମଣ୍ଡ ଫୁଟବଲ କ୍ଲବ ଖୋର୍ଦ୍ଧା, ୧୫ ତାରିଖ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ମା' ତାରେଣୀ ଫୁଟବଲ କ୍ଲବ କେନ୍ଦୁଝର ସହିତ ସାନ ଫୁଟବଲ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ। ୧୬ରେ ଦ୍ୱିତୀୟ ସେମିଫାଇନାଲ ଏବଂ ୧୮ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଚମ୍ପିଆନ ଦଳକୁ ଟ୍ରଫି ସହିତ ନଗଦ ୩୫ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ୨୫ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ଆଥ୍‌ଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ଜୀବନାନନ୍ଦ ମହାପାତ୍ର ପ୍ରକାଶ କରିଛନ୍ତି।

## କରମଳା ବଜାରରୁ ବାଇକ୍ ଚୋରି

କଣାସ, ୯ ।୨(ସମିସ):କଣାସ ବ୍ଲକ ଅନ୍ତର୍ଗତ କରମଳା ଠାରେ ପ୍ରତିଷ୍ଠିତ ଶାନ୍ତି ଆନନ୍ଦ ଆଶ୍ରମ ପରିସରରେ ଚାଲିଥିବା ଅଭିରାମ ପରମହଂସଙ୍କ ଜନ୍ମଉତ୍ସବ ପାଇଁ ମେଳା ଚାଲିଥିବାରୁ ପ୍ରବଳ ଜନଗହଳି ହୋଇଥିଲା। କରମଳା ଗ୍ରାମର ବିଚିତ୍ର କୁମାର ସାହୁ ମେଳା ନିକଟ କରମଳା ବଜାର ଏକ ଇଲୋକ୍ଟ୍ରନିସ ଦୋକାନ କରିଥିଲେ। ଗୁରୁବାର ବାଇକ୍ ନଂ- ଓଡି୧୩ଏଲ୍୪୩୭୯ ରଖି ଦୋକାନରେ ବସିଥିବା ସମୟରେ କେହି ଦୁର୍ବୃତ୍ତ ବାଇକ୍‌କୁ ନେଇଯାଇଥିଲା। ଏ ସମ୍ପର୍କରେ ଶ୍ରୀ ସାହୁ ଗଡ଼ିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ସାମ୍ବାଦିକଙ୍କ ମାତୃ ବିୟୋଗ

**କୋଣାର୍କ, ୯ ।୨(ସମିସ):** କୋଣାର୍କ ନିକଟ ଅନସରା ଗ୍ରାମର ଜଣେ ଅତ୍ୟନ୍ତ ସ୍ନେହୀ ମମତାମୟୀ ମହିଳା ତାହିରା ଖାତୁନ୍(୮୨)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ସ୍ୱର୍ଗୀୟା ତାହିରା ଖାତୁନ୍ ଦିବଂଗତ ଆଦର୍ଶ ଶିକ୍ଷକ ନେମତ୍ ଅଲ୍ଲୀ ଶାହାଙ୍କ ଧର୍ମପତ୍ନୀ ତଥା ଗୋଷ୍ଠୀ ବେତାରକେନ୍ଦ୍ର ରେଡ଼ିଓ ନମସ୍କାରର ପ୍ରତିଷ୍ଠାତା ବିଶିଷ୍ଟ ସମାଜସେବୀ ତଥା ସାମ୍ବାଦିକ ଏନ୍ଏ ଶାହା ଅନସାରୀଙ୍କ



ମାଆ। ଆତ୍ମିୟସ୍ୱଜନଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାହିରାଙ୍କ ବିୟୋଗରେ କୋଣାର୍କ ଓ ଗୋପ ସମେତ ରାଜ୍ୟବ୍ୟାପୀ ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି, ମାନବାଧିକାର କର୍ମୀ ଓ ରାଜନେତାମାନେ ଶୋକବ୍ୟକ୍ତ କରିଛନ୍ତି।

## ଅଧାପକ, କର୍ମଚାରୀଙ୍କ ଧର୍ମଘଟ

କୃଷ୍ଣପ୍ରସାଦ, ୯ ।୨(ସମିସ):ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ସାତପଡ଼ା ପଞ୍ଚାୟତ ସ୍ନାତକ ଶିକ୍ଷା ଓ ବୈଷୟିକ ଶିକ୍ଷା ମହାବିଦ୍ୟାଳୟ ରେ ୪ ଦଫା ଦାବିନେଇ ୭ ତାରିଖରୁ ମହାବିଦ୍ୟାଳୟ ସମ୍ମୁଖରେ ଚାଲିଛି ଧର୍ମଘଟ। ଏଥିରେ ମହା ବିଦ୍ୟାଳୟ ର ଶିକ୍ଷକ ଓ ଅଣ ଶିକ୍ଷକ ସମୂହ କଳାବ୍ୟାଜ ପରିଧାନ କରି ଧାରଣାରେ ବସି ରହିଛନ୍ତି।ନିଖିଳ ଓଡ଼ିଶା ୬୬୨ (+୨ ଓ +୩) ଅନୁଦାନ ପ୍ରାପ୍ତ ବେସରକାରୀ ଅଧାପକ ଓ କର୍ମଚାରୀ ସଂଘର ଆହ୍ୱାନକ୍ରମେ ଏହି ଆନ୍ଦୋଳନ ଚାଲିଛି। ଚାକିରିରେ ଯୋଗଦାନ ଅନୁଯାୟୀ ପେନସନ ପ୍ରଦାନ, ସମାନ ଗ୍ରେଡ଼ ପେ'କୁ ସମାନ ଦରମା, ୨୦୧୮ ଜିଓ. ଅନ୍ତର୍ଗତ ସମସ୍ତ କର୍ମଚାରୀଙ୍କୁ ୭ମ ବେତନ ଅନୁଯାୟୀ ସମାନ ଦରମା ଏବଂ ଅସଙ୍ଗତିରେ ବାଦ ପଡ଼ିଥିବା ପଦବୀ ଗୁଡିକୁ ଅନୁଦାନ ପ୍ରଦାନ କରିବା ଆଦି ୪ଟି ଦାବି ରହିଛି। ଦାବି ପୂରଣ ନହେଲେ ପରୀକ୍ଷା ଏବଂ ଖାତାଦେଖାକୁ ବର୍ଜନ କରିବା କହିଛନ୍ତି।



### ସାଇଲୋ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ଶିକ୍ଷାର ବିକାଶ ନହେଲେ ସମାଜର ବିକାଶ ଅସମ୍ଭବ



**ନିମାପଡ଼ା, ୯।୨(ସମିସ):** ନିମାପଡ଼ା ବ୍ଲକ ଭୋଗଶାଳଦା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସାଇଲୋର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସଂକୁନ୍ତଳା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରୀ ସିମନ୍ତ ଶେଖର ରଥ, ବିଶିଷ୍ଟ ଅତିଥିଭାବେ ନିମାପଡ଼ା ଏନ୍ଏସି ଉପାଧକ୍ଷ ସନ୍ତୋଷ କୁମାର ଦାଶ, ମୁଖ୍ୟବକ୍ତାଭାବେ ସ୍ଥାନୀୟ ସରପଞ୍ଚ ବିଶ୍ୱନାଥ ସେନାପତି, ଅବସରପ୍ରାପ୍ତ ଶିକ୍ଷକ ବାବାଜୀ ଚରଣ ବସ୍ତିଆ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଶାନ୍ତ କୁମାର ନାୟକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ସେଠୀ, ଶିକ୍ଷକ ଶିବ ଶଙ୍କର ଦାଶ, ଶିକ୍ଷୟତ୍ରୀ ପ୍ରଭାତୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସଭାକାର୍ଯ୍ୟ ଆରମ୍ଭରୁ ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଶିକ୍ଷାର ବିକାଶ ନ ହେଲେ ସମାଜର ବିକାଶ ହୋଇପାରିବ ନାହିଁ ବୋଲି ମୁଖ୍ୟ ଅତିଥି ଶ୍ରୀ ରଥ କହିଥିଲେ। ସମ୍ମାନୀତ ଅତିଥି ଶିକ୍ଷକ ଶ୍ରୀ ଦାସ ଓଡିଆ ଭାଷା ସାହିତ୍ୟ ସହ ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ନିମାପଡ଼ା ବ୍ଲକର ଦୁଇଜଣ ବିଶିଷ୍ଟ ଯୁବ ସାମ୍ବାଦିକ ପ୍ରଫୁଲ୍ଲ କୁମାର କର ଓ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ ବିଦ୍ୟାଳୟର ସ୍ପୋର୍ଟରେ ଚାମ୍ପିଅନ ହୋଇଥିବା ଛାତ୍ର ବିଭାଗର ଶୁଭମ୍ ଆୟୁଷ୍ମ ସ୍ୱାଇଁ ଓ ଛାତ୍ରୀ ବିଭାଗର ସୁମିତା ଦାସଙ୍କ ସମେତ ବିଦ୍ୟାଳୟର ୫୦ଜଣ କୃତୀ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ମଙ୍ଗରାଜ ରଥ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଅଦିତ୍ୟ ଖୁଣ୍ଟିଆ ବାର୍ଷିକ ବିବରଣୀ ପଠନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅସଦାଚରଣ ଘଟଣା

# ଅଭିଯୁକ୍ତ ଗିରଫ; ନାବାଳିକାଙ୍କ ବୟାନ ରେକର୍ଡ

ନୟାଗଡ଼, ୯।୨(ସମିସ): ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନାବାଳିକାଙ୍କୁ ଅସଦାଚରଣ ଘଟଣାରେ ଡାକ୍ତରଖାନା କର୍ମଚାରୀଙ୍କୁ ନୟାଗଡ଼ ଟାଉନଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନୂଆଗାଁ ଥାନା ମହିପୁର ଗ୍ରାମର ପ୍ରତାପ କୁମାର ନାୟକ। ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରଣପୁର ଥାନା ସୁନାଖଳା ଫାଣ୍ଡି ଅଞ୍ଚଳର ଜୈନିକ ମହିଳା ଚିକିତ୍ସିତ ହେଉଥିଲେ। ମହିଳା ଜଣଙ୍କ କିଡ୍ନୀ ରୋଗରେ ପୀଡ଼ିତ ଥିଲେ। ମହିଳାଙ୍କ ପାଖରେ ତାଙ୍କର ମାଆ ଏବଂ ତାଙ୍କ ନାବାଳିକା ଝିଅ ସେବା ଯତ୍ନ ପାଇଁ ରହିଥିଲେ। ବୁଧବାର ରାତିରେ ମହିଳାଙ୍କ ଦେହ ଟିକେ ଅଧିକ ଅସୁସ୍ଥ ହେବାରୁ ନାବାଳିକା ଝିଅ ଡାକ୍ତରଖାନା ପରିସରରେ ଥିବା ନିରାମୟ କେନ୍ଦ୍ରକୁ ଔଷଧ ଆଣିବାକୁ ଯାଇଥିଲେ। ରାତି ପ୍ରାୟ ୯ଟା ସମୟରେ ନାବାଳିକା ଜଣଙ୍କ ଔଷଧ ଧରି ଲିଫ୍ଟ ଯୋଗେ ମେଡିସିନ ୱାର୍ଡକୁ ଫେରୁଥିଲେ। ଲିଫ୍ଟ ମଧ୍ୟକୁ ନାବାଳିକା ଏକାକି ଯାଉଥିବା ଦେଖି ଡାକ୍ତରଖାନାରେ କାର୍ଯ୍ୟରତ କର୍ମଚାରୀ ପ୍ରତାପ ଲିଫ୍ଟ ଅଟକାଇ ଭିତରକୁ ପ୍ରବେଶ କରିଥିଲେ। ଲିଫ୍ଟ ମଧ୍ୟରେ ନାବାଳିକାଙ୍କୁ ଏକାକି ଦେଖି ପୂର୍ବ ଯୋଜନା ମୁତାବକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏପରିକି ଏହି ଘଟଣା ବାହାରେ ପ୍ରଘଟ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ନାବାଳିକା ଜଣଙ୍କ କର୍ମଚାରୀଙ୍କ ଅସଦାଚରଣ ଯୋଗୁଁ ଲିଫ୍ଟ ଭିତରେ ଅଚେତ ହୋଇପଡ଼ିଥିଲେ। ଯାହାକୁ ସୁଯୋଗ ଭାବି ପ୍ରତାପ ସେଠାରୁ ଖସି ଚାଲି ଯାଇଥିଲେ। କିଛି ରୋଗୀ ସମ୍ପର୍କୀୟ ଏବଂ ଡାକ୍ତରଖାନା କର୍ମଚାରୀ ନାବାଳିକାଙ୍କୁ ଉଦ୍ଧାର କରି ଚିକିତ୍ସା କରାଇଥିଲେ। ନାବାଳିକାଙ୍କ ଅବସ୍ଥା ଗୁରୁତର ରହିଥିଲା। ତାଙ୍କୁ ଏବେ ବି ଚିକିତ୍ସାଧୀନ ଅବସ୍ଥାରେ ରଖାଯାଇଛି। ଏହି ଖବରପାଇ ନାବାଳିକାଙ୍କ ବାପା ଗୁରୁବାର ଡାକ୍ତରଖାନାରେ ପହଞ୍ଚି ସମସ୍ତ ଘଟଣା ଜାଣିବା ପରେ ନୟାଗଡ଼ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଟାଉନଥାନା ପୁଲିସ ଘଟଣାକୁ ନେଇ ଏକ ମାମଲା ରୁଜୁ କରିଥିଲା। ଅଭିଯୋଗ ଆଧାରରେ ଆଜି ନାବାଳିକାଙ୍କ ୧୬୧ ଅନୁଯାୟୀ ବୟାନ ରେକର୍ଡ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ନାବାଳିକା ଅସୁସ୍ଥ ଥିବାରୁ ତାଙ୍କର ୧୬୪ ବୟାନ ରେକର୍ଡ ହୋଇନଥିବା ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁ ସୂଚନା ଦେଇଛନ୍ତି।

### ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରେ ବିଜେପି କର୍ମୀଙ୍କ ଗୁଣ୍ଡାରାଜ

ନୟାଗଡ଼: ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଘଟିଥିବା ଅସଦାଚରଣ ଘଟଣାକୁ ନେଇ ବିଜେପିର କିଛି ନେତା ଓ କର୍ମୀ ଡାକ୍ତରଖାନାକୁ ଯାଇ ପୀଡ଼ିତାଙ୍କୁ ଭେଟିଥିଲେ। ଏହା ପରେ ନେତା ଓ କର୍ମୀମାନେ ସିଡିଏମ୍‌ଓ ରମାକାନ୍ତ ପଣ୍ଡାଙ୍କ କାର୍ଯ୍ୟାଳୟକୁ ଯାଇ ହୋହାଲ୍ଲା କରିବା ସହ ଗୁଣ୍ଡାଗର୍ଦ୍ଦି କରିଥିଲେ। ସିଡିଏମ୍‌ଓ ଓ ବିଜେପି କର୍ମୀଙ୍କ ମଧ୍ୟରେ ଆଙ୍ଗୁଠି ଦେଖା ଦେଖି ହୋଇ ଧମକ ଦେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବିଜେପି କର୍ମୀଙ୍କ ଏଭଳି ଆଚରଣକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି।



● ମହୀପୁରରୁ ଡିଏଚ୍‌ଏଚ୍‌କୁ ଡେପୁଟେସନ୍‌ରେ ଆସିଥିଲା ପ୍ରତାପ

### ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ

ନୟାଗଡ଼: ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅସଦାଚରଣ କରି ଗିରଫ ହୋଇଥିବା ଅଭିଯୁକ୍ତ ପ୍ରତାପ କୁମାର ନାୟକ ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ଝାଡୁଦାର ଭାବେ କାର୍ଯ୍ୟ କରୁଥିଲେ। କିଛିଦିନ ତଳେ ସେଠାରୁ ତାଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବଦଳି ହୋଇଥିଲା। ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିଭାଗୀୟ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅଜୟ କୁମାର ବାହିନୀପତି ସୂଚନା ଦେଇଛନ୍ତି। ଡାକ୍ତରଖାନାରେ ରହିଥିବା ସମସ୍ୟା ଓ କର୍ମଚାରୀଙ୍କ ବେଫିକର ମନବୃତ୍ତିକୁ ପରିବର୍ତ୍ତନ କରିବା ପାଇଁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି କହିଛନ୍ତି। ପ୍ରତ୍ୟେକ କାର୍ଯ୍ୟ କିଭଳି ସୂଚାରୁ ରୂପେ ସମ୍ପାଦନ ହେବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ମଦ ଜବତ; ଜଣେ ଗିରଫ

ରଣପୁର, ୯।୨(ସମିସ): ରଣପୁର ଅବକାରୀ ପୁଲିସ ୪୦ ଲିଟର ଦେଶୀମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁର୍କାବାଡ଼ି ଗ୍ରାମର ବିରଞ୍ଚି ନାରାୟଣ ସାହୁ। ରଣପୁର ଥାନା ଅଧିକାରୀ ଦୀପକ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଏଏସ୍‌ଆଇ ସୁବାସ ଚନ୍ଦ୍ର ସେଠୀ, କନେଷ୍ଟବଳ ବିକାଶ କୁମାର ଜେନା, ରମ୍ଭା ରାଉତ, ଲକ୍ଷ୍ମୀଧର ବେହେରା ପ୍ରମୁଖ ଚଢ଼ଉ କରିଥିଲେ। ଏନେଇ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ଓଡ଼ଗାଁ ଦେଇ ଗଡ଼ିବ ଲକ୍ଷ୍ମୀ ବସ୍

ଓଡ଼ଗାଁ, ୯ ।୨(ସମିସ): ଚଳିତ ମାସ ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୟାଗଡ଼ ଜିଲ୍ଲାରେ ଲକ୍ଷ୍ମୀ ବସ୍ ସେବାକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିବେ। ଏହା ପରଠାରୁ ନୟାଗଡ଼ ଜିଲ୍ଲାର ସମସ୍ତ ବ୍ଲକ ସହିତ ଓଡ଼ଗାଁ ବ୍ଲକ ଅଞ୍ଚଳରେ ଲକ୍ଷ୍ମୀ ବସ ସେବା ଆରମ୍ଭ ହେବ। ଗ୍ରାମାଞ୍ଚଳର ସାଧାରଣ ଲୋକ, ମାଆ ଓ ଭଉଣୀମାନେ କମ ଟଙ୍କାରେ ବ୍ଲକ ସଦରମହକୁମା ସହିତ ଜିଲ୍ଲା ସଦରମହକୁମାରେ ପହଞ୍ଚି ସେମାନଙ୍କ କାର୍ଯ୍ୟ ସାରି ପୁନର୍ବାର ସୁରକ୍ଷିତ ଭାବେ ଗାଁରେ ପହଞ୍ଚାଇବା ହେଉଛି ଲକ୍ଷ୍ମୀ ବସ୍ ସେବାର ପ୍ରମୁଖ ଉଦ୍ଦେଶ୍ୟ। ଗମନାଗମନ ସୁଗମ ହୋଇପାରିଲେ ଯୋଗାଯୋଗ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ଏବଂ ପ୍ରତ୍ୟେକ ଜନସାଧାରଣ ନିଜ ଦ୍ୱାରଦେଶରେ ସମସ୍ତ ସରକାରୀ ସେବା ପାଇଲା ବେଳେ କର୍ମକ୍ଷେତ୍ରରେ ଅନେକ ସୁବିଧା ହାସଲ କରିହେବ। ବିଶେଷ କରି ମିଶନ ଶକ୍ତିର ମହିଳାମାନେ ସୁଲଭ ମୂଲ୍ୟରେ ସମସ୍ତ ସେବା ପାଇବା ପରେ ସ୍ଥାନୀୟ ଅଞ୍ଚଳର ଆର୍ଥିକ ଅଭିବୃଦ୍ଧି ଘଟିବ।

## ସାମୂହିକ ଛୁଟିରେ ପ୍ରାଣୀ ଚିକିତ୍ସକ

# କୁକୁଡ଼ା ଚାଷୀ ଓ ଗୋପାଳକଙ୍କୁ ମିଳୁନି ସବ୍‌ସିଡି

ନୟାଗଡ଼, ୯।୨(ସମିସ): ଦୀର୍ଘ ୨୩ ଦିନ ହେବ ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସିକ ସାମୂହିକ ଛୁଟିରେ ରହି ଆନ୍ଦୋଳନ ଚଳାଇଛନ୍ତି। ଯାହା ଫଳରେ ପ୍ରାଣୀମାନେ ଚିକିତ୍ସା ସୁବିଧା ପାଇ ପାରୁନଥିବା ବେଳେ ପ୍ରାଣୀ ପାଳକମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଜିଲ୍ଲାର ବିଭିନ୍ନ ସ୍ଥାନରେ ନାନାଦି ସମସ୍ୟା ସୃଷ୍ଟି ହେଉଛି। ଗାଈ, ଗୋରୁଙ୍କୁ ସଠିକ ଚିକିତ୍ସା ସୁବିଧା ମିଳୁନଥିବା ବେଳେ ସରକାରଙ୍କ ବିଭିନ୍ନ ଯୋଜନାରୁ ଉପକାର ପାଇବାକୁ ଥିବା ହିତାଧିକାରୀମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରୁ ହିତାଧିକାରୀମାନେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଧାଉଁଛନ୍ତି। ଆଜି ନୟାଗଡ଼ ସଦର ବ୍ଲକ ବିରୁଡ଼ା ପଞ୍ଚାୟତର ମା' ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି କୁକୁଡ଼ା ଚାଷ ବାବଦ ସବିସିଡ୍ ମିଳୁନଥିବା ନେଇ ଅଭିଯୋଗ କରିଛନ୍ତି। ମହିଳାମାନେ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳଙ୍କୁ ଭେଟିବା ସହ ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି। କିଭଳି ଶୀଘ୍ର ସବ୍‌ସିଡି ଅର୍ଥ ମିଳିବ, ସେ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିଭଳି ଭାବେ କ୍ରିଦାଶପୁର ପଞ୍ଚାୟତ କ୍ରିଦାଶପୁର ଗ୍ରାମର କୁଳମଣୀ ପାଣିଗ୍ରାହୀ ଏବଂ ତାଙ୍କ ପତ୍ନୀ ଜୟନ୍ତୀ ପାଣିଗ୍ରାହୀ ଗୋପାଳନ କରି ଦୁଇ ପଇସା ରୋଜଗାର କରିବାକୁ ଆଶା ବାନ୍ଧିଥିବା ବେଳେ ସରକାରଙ୍କ ପକ୍ଷରୁ ମିଳିବାକୁ ଥିବା ସବ୍‌ସିଡି ଅର୍ଥ ପାଇ ପାରୁନଥିବା ଅଭିଯୋଗ କରିଛନ୍ତି।



● ଛତିଶଗଡ଼ ଯୁବକ ଉଦ୍ଧାର

## ପରିବାରକୁ ହସ୍ତାନ୍ତର କଲା ପୁଲିସ

ଭାପୁର, ୯ ।୨(ସମିସ) ନୟାଗଡ଼ ଜିଲ୍ଲା ଫତେଗଡ଼ ପୁଲିସ ବିଜିପୁର ଅଞ୍ଚଳରେ ବୁଲୁଥିବା ଜଣେ ଛତିଶଗଡ଼ ଯୁବକଙ୍କୁ ଉଦ୍ଧାର କରି ପରିବାର ଜିମା ଦେଇଛନ୍ତି। ଖବରରୁ ଜଣାପଡ଼ିଛି ଯେ ଛତିଶଗଡ଼ ଅଞ୍ଚଳରେ ରାମ ସିହଙ୍କ ପୁଅ ମହେଶ କୁମାର (୨୧) ବର୍ଷ ମୂଲ ଲାଗିବାକୁ ଉତ୍ତର ପ୍ରଦେଶ ଯାଉଥିଲେ। ଭୁଲରେ ଅନ୍ୟ ଟ୍ରେନରେ ବସି ଖୋର୍ଦ୍ଧା ରୋଡରେ ଓହ୍ଲାଇ କଳାପଥର ପର୍ଯ୍ୟନ୍ତ ବସରେ ଆସି ଚାଲିଚାଲି ଆସି ବିଜିପୁର ଅଞ୍ଚଳରେ ଏଣେତେଣେ ବୁଲୁଥିଲେ। ଖବରପାଇ ଫତେଗଡ଼ ଥାନା ଅଧିକାରୀ ସୁଜିତ କୁମାର ଦାସ ଓ ଏଏସଆଇ ପ୍ରତାପ କୁମାର ପାହାଡସିଂହ ମହେଶ କୁମାରଙ୍କୁ ଗୁରୁବାର ରାତିରେ ଉଦ୍ଧାର କରି ତାଙ୍କ ପରିବାରକୁ ଖବରଦେଇଥିଲେ। ଖବରପାଇ ମହେଶ ଙ୍କ ବାପା ରାମ ସିଓହ, ତାଙ୍କ ବଡ ବାପା ଓ ଜେଜେବାପା ଫତେଗଡ଼ ଥାନାରେ ଶୁକ୍ରବାର ପହଞ୍ଚି ଥିଲେ। ଶୁକ୍ରବାର ଦିନ ପୋଲିସ ଯୁବକଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ ମହେଶଙ୍କୁ ମିଠା ଖୁଆଇ ବିଦା କରିଥିଲେ।



# 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

ଖଣ୍ଡପଡ଼ା, ୯।୨(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ଯୋଗିଆପଲ୍ଲୀ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ପକ୍ଷରୁ ଜନସଚେତନତା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରଶ୍ମିତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଶିଶିର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପିଇଓ ବସନ୍ତ କୁମାର ପଣ୍ଡାଙ୍କ ସୁ-ପରିଚାଳନା କ୍ରମେ ଶିଖରପୁର ପୂର୍ବତନ ସରପଞ୍ଚ ବିଜୟ କୁମାର ତ୍ରିପାଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନିରଞ୍ଜନ ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ମିନତୀ ସାହୁ, ସ୍ଥାନୀୟ ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ମୁଦୁଲି, ବ୍ଲକ ଯୁବ ସଭାପତି ମନୋରଞ୍ଜନ ବେହେରା, ଶିଖରପୁର ସେବା ସମବାୟ ସମିତି ସଭାପତି ବାବୁଲା ନାୟକ, ପଞ୍ଚାୟତ ସଭାପତି ଭିକାରୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ, ମିଶନ ଶକ୍ତି, କୃଷି ଓ କ୍ରୀଡ଼ାରେ ଯେଉଁମାନେ ଉପକୃତ ହୋଇଛନ୍ତି ସେମାନେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ସଚେତନତା ଶିବିରରେ ଗାଁ ଗାଁରେ ଜଗନ୍ନାଥ ସଂସ୍କୃତି ସଂରକ୍ଷଣ, ଧାର୍ମିକ ସ୍ଥଳୀଗୁଡ଼ିକର ରୂପାନ୍ତରଣ, ମହିଳା ସଶକ୍ତୀକରଣ ଓ ଭିତ୍ତିଭୂମିର ବିକାଶ, ନିର୍ମାଣ ଶ୍ରମିକ ଉନ୍ନତି, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ ଉପରେ ସଚେତନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



**ଭାପୁର**: ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବିଜିପୁର ଓ ରାକମା ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା'ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଦିନ ଆୟୋଜିତ ହୋଇଯାଇଛି। ଏହି ଯୋଜନା ମାଧ୍ୟମରେ ଦୁଇ ପଞ୍ଚାୟତର ପ୍ରଗତୀ ତ୍ୱରାନ୍ୱିତ ହୋଇଥିବାରୁ ଏହି ଯୋଜନା ପ୍ରଗତୀର ପ୍ରତୀକ ବୋଲି କୁହାଯାଉଛି। ବିଜିପୁର ପଞ୍ଚାୟତ ମିନି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମକୁ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଉଦ୍‌ଘାଟନ କରିଥିଲେ। ବିଜିପୁର ଗ୍ରାମର ଯୁବ ସଙ୍ଗଠକ ବିଜୟ କୁମାର ପଟ୍ଟନାୟକଙ୍କ ଦୃଢ ନେତୃତ୍ୱରେ ଏହି ସମାବେଶ ବ୍ଲକର ସମସ୍ତ ସମାବେଶକୁ ବଳିଯାଇଥିଲା। ଅତିଥି ଭାବେ ବିଡିଓ ରଣଜିତ କୁମାର ମଲ୍ଲିକ, ବ୍ଲକ ବିଜେଡି ସଭାପତି ଶିବପ୍ରସାଦ ଷଡଙ୍ଗୀ, ସମାଜସେବୀ ସନ୍ତୋଷ କୁମାର ତ୍ରିପାଠୀ, ଶିକ୍ଷକ ନାରାୟଣ ଦାଶ, ପୂର୍ବତନ ସମିତି ସଭ୍ୟ ଚିନ୍ତାମଣୀ ଦାଶ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶଶୀବାଳା ବଡେଇ ଯୋଗଦେଇଥିଲେ। ପଞ୍ଚାୟତରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ୧୭ ପ୍ରକଳ୍ପ ପାଇଁ ୫୦ ଲକ୍ଷ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ତିନୋଟି ପ୍ରକଳ୍ପ ପାଇଁ ୧୩ ଲକ୍ଷ ଟଙ୍କା, ମମତା ଯୋଜନାରେ ୩୦୮ ମହିଳା ଉପକୃତ ହୋଇଛନ୍ତି। ୧୦୫୫ ଚାଷୀ କାଳିଆ ଯୋଜନାରେ, ୮୧୭ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା, ୧୩୧୧ ଜଣଙ୍କୁ ରାସନକାର୍ଡ ଓ ୮୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୦୧୨ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ସେହିପରି ରାକମା ପଞ୍ଚାୟତ ରେ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ବ୍ଲକ ବିଜେଡି ସଭାପତି, ଜିଲ୍ଲା ପରିଷଦ ଧର୍ମେନ୍ଦ୍ର କୁମାର ଧଳ, ସରପଞ୍ଚ ପ୍ରତିନିଧି ମାଧବ ବେହେରା, ସମିତି ସଭ୍ୟ ବାଳଗୋପାଳ ଷଡଙ୍ଗୀ, ପଦ୍ମାବତୀ ପଞ୍ଚାୟତ ସରପଞ୍ଚ ଅଜୟ କୁମାର ମଲ୍ଲିକ, ଶାଶନ ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ କୁମାର ଗୋଛି ଓ ମହିଳା ଶିଶୁ ମଙ୍ଗଳ ବିଭାଗ ସୁପରଭାଇଜର ଜ୍ୟୋତିର୍ମୟୀ ସାହୁ ଯୋଗଦେଇଥିଲେ।



● ଖଳିସାହି କ୍ରିକେଟ କପ୍

## ଢେଙ୍କାନାଳ ବିଜୟୀ

ଖଣ୍ଡପଡ଼ା, ୯।୨(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ବଡ଼ ପଡ଼ିଆରେ ଅନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସରେ ଢେଙ୍କାନାଳ କ୍ରିକେଟ କ୍ଲବ ବିଜୟୀ ହୋଇଛି। ଖଳିସାହି ୟୁନାଇଟେଡ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି ମ୍ୟାଚ୍‌ରେ ଢେଙ୍କାନାଳ କ୍ରିକେଟ କ୍ଲବ ୭ ୱିକେଟରେ ଭୁବନେଶ୍ୱର ତମାଣ୍ଡୋ କ୍ରିକେଟ କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଢେଙ୍କାନାଳ ଦଳର ରଜତ ଦାସ ବ୍ୟକ୍ତିଗତ ଭାବେ ୫୧ଟି ବଲରେ ୧୨ଟି ଛକା ଓ ୧୧ଟି ଚୌକା ସହାୟତାରେ ୧୩୦ ରନ୍ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଚତୁର୍ଥ ଦିବସରେ ମୁଖ୍ୟଅତିଥି ଭାବେ ଖଳିସାହି ମହୋତ୍ସବ କମିଟି ସଭାପତି ବାପିନା ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଜିର ଖେଳକୁ ଦୀପକ ରଞ୍ଜନ ସାହୁ ଏବଂ ପ୍ରଦୀପ କୁମାର ସାହୁ ପରିଚାଳନା କରିଥିବା ବେଳେ ଶିକ୍ଷକ ଗୌରାଙ୍ଗ ଚରଣ ସେଠୀ ସ୍କୋରବୋର୍ଡ ଦାୟିତ୍ୱ ତୁଲାଇଥିଲେ। ସୀମାଞ୍ଚଳ ପୃଷ୍ଟି ଓ ମହେନ୍ଦ୍ର କୁମାର ବାରିକ ଭାଷ୍ୟକାର ଦାୟିତ୍ୱ ନିଭାଇଥିଲେ।

ସରପଞ୍ଚ ସଂଘର ସଙ୍କଳ୍ପ ସମାବେଶ

## ବିଜେଡିକୁ ମଜଭୁତ୍ କରିବାକୁ ଆହ୍ୱାନ

ଗଣିଆ, ୯।୨(ସମିସ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକରେ ବିଜୁ ଜନତା ଦଳର ସଙ୍ଗଠନକୁ ମଜଭୁତ୍ କରିବାକୁ ଗଣିଆ ସରପଞ୍ଚ ସଂଘ ତରଫରୁ ଶୁକ୍ରବାର ବିରାଟ ଶୋଭାଯାତ୍ରା ସହ ଏକ ସଙ୍କଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଗଣିଆ ସରପଞ୍ଚ ସଂଘ ସଭାପତି ତଥା ରାସଙ୍ଗ ସରପଞ୍ଚ ମାନସ କୁମାର ମହାଖୁଡ଼ଙ୍କ ନେତୃତ୍ୱରେ ଗଣିଆ ବ୍ଲକର ୮ଟି ପଞ୍ଚାୟତରୁ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ସମାବେଶରେ ଯୋଗ ଦେଇଥିଲେ। ଗଣିଆ ପୂର୍ତ୍ତବିଭାଗ ଡାକବଙ୍ଗଳା ନିକଟରୁ ଏକ ଶୋଭାଯାତ୍ରା ବାହରି ଗଣିଆ ବଜାର ଦେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖ ଚଉବଙ୍ଗ ତୋଟା ପରିସରରେ ପହଞ୍ଚିଥିଲା। ଆୟୋଜିତ ସଙ୍କଳ୍ପ ସମାବେଶରେ ନବୀନ ସରକାରଙ୍କ ଜନହିତକର କାର୍ଯ୍ୟ ପାଇଁ ବିଜୁ ଜନତା ଦଳର ଗଣିଆ ବ୍ଲକର ସଙ୍ଗଠନକୁ ମଜଭୁତ କରିବାକୁ ସଙ୍କଳ୍ପ କରିଥିଲେ। ଏହି ସମାବେଶରେ ଗଣିଆ ବ୍ଲକ ଓ ପଞ୍ଚାୟତଗୁଡିକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ବିରୋଧ କରି ଆସୁଥିବା ନେତୃତ୍ୱକୁ ବିରୋଧ କରିବା ସହ ଜନସାଧାରଣ ଏହାର ଜବାବ ଦେବାକୁ ଆହ୍ୱାନ ଦିଆଯାଇଥିଲା। ଏହି ସମାବେଶରେ ଗଣିଆ ସରପଞ୍ଚ ଗିରିଧାରୀ ସେଠୀ, ବେଲପଡ଼ାପାଟଣା ସରପଞ୍ଚ ସୁକାନ୍ତ ଗଣିଆ, ଛାମୁଣ୍ଡିଆ ସରପଞ୍ଚ ଦୀପ୍ତିରେଖା ସେନାପତି, କରଡାପଡ଼ା ସରପଞ୍ଚ ପ୍ରମୋଦିନୀ ସାହୁ, ବଡଶିଲିଙ୍ଗା ସରପଞ୍ଚଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ସାହୁ, କିଶୋରପ୍ରସାଦ ସମିତିସଭ୍ୟ ରଞ୍ଜିତା ବେହେରା, କିଶୋରପ୍ରସାଦ ସରପଞ୍ଚଙ୍କ ପ୍ରତିନିଧି ବିଜୟ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷ ସାମିଲ ହୋଇ ନବୀନଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ କରିବା ପାଇଁ ସଂକଳ୍ପ ନେଇଥିଲେ।




## ପୁରୀ ଗଲା ୧୦୨ ଖଣ୍ଡ ରଥକାଠ

ନୟାଗଡ଼, ୯।୨(ସମିସ): ପବିତ୍ର ଘୋଷଯାତ୍ରା ରଥ ନିର୍ମାଣ ପାଇଁ ନୟାଗଡ଼ ଜିଲ୍ଲା ଦଶପଲ୍ଲା ବନାଞ୍ଚଳରୁ ପ୍ରଥମ ପର୍ଯ୍ୟାୟରେ ସଂଗୃହୀତ ୧୦୨ ଖଣ୍ଡ କାଠ ଶୁକ୍ରବାର ପୁରୀ ପଠାଯାଇଛି। ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ସଂଗୃହୀତ କାଠଗୁଡ଼ିକୁ ବୋଝେଇ କରାଯାଇ ଗାଡ଼ିକୁ ଦଶପଲ୍ଲା ମହାବୀରଙ୍କ ନିକଟରେ ପୂଜାର୍ଚ୍ଚନା କରି ନୟାଗଡ଼ ଅଣାଯାଇଥିଲା। ପରମ୍ପରା ଅନୁସାରେ, ନୟାଗଡ଼ ଜଗନ୍ନାଥ ମନ୍ଦିରଠାରେ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା କରାଯାଇଥିଲା। ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କ ସମେତ ସହକାରୀ ବନସଂରକ୍ଷକ ହିମାଂଶୁ ମୁଦୁଲି ଏବଂ ବନ କର୍ମଚାରୀମାନେ ଉପସ୍ଥିତ ଥିଲେ। ପଠାଯାଇଥିବା କାଠଗୁଡ଼ିକ ମଧ୍ୟରେ ୧୨ ଫୁଟିଆ ଅସନ ୨୭ ଖଣ୍ଡ, ୨୦ ଫୁଟିଆ ଅସନ ୨୩ ଖଣ୍ଡ, ୧୨ ଫୁଟିଆ ଧଉରା ୨୬ ଖଣ୍ଡ, ୨୦ ଫୁଟିଆ ଧଉରା ୨୬ ଖଣ୍ଡ ରହିଥିବା ସୂଚନା ମିଳିଛି। ଦଶପଲ୍ଲା ବନାଞ୍ଚଳ ପୋଖରୀଗୋଛା ଏବଂ ଚଢ଼େୟାପଲ୍ଲୀ ଅଞ୍ଚଳରୁ ରଥକାଠ ସଂଗ୍ରହ କରାଯାଇଛି। ଚଳିତ ବର୍ଷ ୮୧୨ ଖଣ୍ଡ କାଠର ଆବଶ୍ୟକତା ରହିଛି। ସେଥିମଧ୍ୟରୁ ୭୮୪ ଖଣ୍ଡ କାଠ ଚିହ୍ନଟ କରାଯାଇଛି। ନୟାଗଡ଼ରେ ରଥକାଠ ଅଭାବ ପାଇଁ ଅନ୍ୟ ବନଖଣ୍ଡରୁ କାଠ ସଂଗ୍ରହ ପାଇଁ ବ୍ୟବସ୍ଥା ହୋଇଥିବା ସୂଚନା ମିଳିଛି।



## ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଝୋଟ ବ୍ୟାଗ୍ ବଣ୍ଟନ

ନୟାଗଡ଼, ୯।୨(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରିବେଶ ସୁରକ୍ଷା ସହ ସବୁଜ ଓଡ଼ିଶା ଗଠନ ନିମନ୍ତେ ସର୍ବସାଧାରଣରେ ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରାଯିବା ଅତ୍ୟନ୍ତ ଜରୁରୀ ମନେ କରି ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରଙ୍କୁ ଦୁଇଟି ଲେଖାଏଁ ଝୋଟ ନିର୍ମିତ ବ୍ୟାଗ ପ୍ରଦାନର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ନୟାଗଡ଼ ବ୍ଲକ ଅନ୍ତର୍ଗତ ଭାଟସାହି ପଞ୍ଚାୟତରେ ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରକୁ ଦୁଇଟି ଲେଖାଏଁ ଝୋଟ ତିଆରି ବ୍ୟାଗ ବିତରଣ କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ନୟାଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସଭ୍ୟ କ୍ଷୀରୋଦ ମହାପାତ୍ର, ଭାଟସାହି ସରପଞ୍ଚ ସାରଦା କୁମାରୀ ସାହୁ, ସମିତିସଭ୍ୟା ସବିତା ପ୍ରଧାନ, ଜିଲ୍ଲା ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର କୁମାର ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦ୍ମଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ଲଡୁବାବାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଶରଣକୁଳ, ୯।୨(ସମିସ): ପ୍ରସିଦ୍ଧ ଶୈବ କ୍ଷେତ୍ର ଶରଣକୁଳ ଲଡୁବାବାଙ୍କ ପୀଠରେ ପାଞ୍ଚଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶରଣକୁଳ ଶୈବ ସେବାୟତ ସଂଘ ପକ୍ଷରୁ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ଏହି ମହାଯଜ୍ଞ ପ୍ରତିବର୍ଷ ପରି ଚଳିତ ମାଘମାସ ଶୁକ୍ଳ ଏକାଦଶୀଠାରୁ ଆରମ୍ଭ ହୋଇ ମାଘମାସ ଶୁକ୍ଳ ଅମାବାସ୍ୟା ପର୍ଯ୍ୟନ୍ତ ପାଞ୍ଚ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିଲା। ମହାଯଜ୍ଞ ପ୍ରଥମ ଦିବସରେ ୧୦୮ ଶ୍ରଦ୍ଧାଳୁଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ନିମନ୍ତ୍ରିତ ବୈଦିକ ବ୍ରାହ୍ମଣ ମାନଙ୍କ ବେଦଧ୍ୱନିରେ ଚତୁଃର୍ଦିଗ ପ୍ରକମ୍ପିତ ହୋଇ ପଡ଼ିଥିବା ବେଳେ ଯଜ୍ଞ ପୀଠରେ ଘଟ ସ୍ଥାପନା କରାଯିବା ସହ ଲଡୁବାବାଙ୍କର ଆଜ୍ଞାମାଳ ଅଣାଯାଇ ଯଜ୍ଞ ଆରମ୍ଭ କରାଯାଇଥିଲା। ପ୍ରତ୍ୟେକ ଦିନ ଯଜ୍ଞରେ ବିଭିନ୍ନ ଦେବଦେବୀଙ୍କୁ ସହସ୍ରାଧିକ ଘୃତା ଆହୁତି ପ୍ରଦାନ କରାଯାଇଥିଲା। ମନ୍ଦିର ପରିଚ୍ଛା ତୋଷବନ୍ତ କର ଯଜ୍ଞ ମୁଖ୍ୟକର୍ତ୍ତା ଓ ବଡ଼ପଣ୍ଡା ହରମୋହନ ମହାପାତ୍ରଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ହୋଇଥିଲା। ଶୁକ୍ରବାର ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ପ୍ରତିଦିନ ଯଜ୍ଞପୀଠକୁ ହଜାର ହଜାର ଶ୍ରଦ୍ଧାଳୁ ଆସୁଥିବାରୁ ଏଠାରେ ଏକ ଧାର୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ୭.୭୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ 'ଆମ ବସ୍‌ଷ୍ଟାଣ୍ଡ'

ଓଡ଼ଗାଁ, ୯ ।୨ (ସମିସ): ନୟାଗଡ଼ ଜିଲ୍ଲାର ଓଡ଼ଗାଁଠାରେ ୭ କୋଟି ୭୬ ଲକ୍ଷ ଟଙ୍କା ବ୍ୟୟରେ ଆମ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ୨୧ ନମ୍ବର ରାଜ୍ୟ ରାଜପଥ ଦେଇ ଯାତାୟାତ କରୁଥିବା ଶହଶହ ଯାତ୍ରୀ ଉପକୃତ ହେବେ। ୨୧ ନମ୍ବର ରାଜ୍ୟ ରାଜପଥ ଓଡ଼ଗାଁ ପ୍ରାଣୀ ଚିକିତ୍ସାଳୟ ସାମ୍ନାରେ ଅତ୍ୟାଧୁନିକ ଶୈଳୀରେ ନିର୍ମାଣ ହେବ ଆମ ବସ୍‌ଷ୍ଟାଣ୍ଡ। ଏହି ଷ୍ଟାଣ୍ଡ ନିର୍ମାଣ ହେଲେ ଓଡ଼ଗାଁ ବ୍ଲକର ୧୮ ପଞ୍ଚାୟତ ସହିତ ନୟାଗଡ଼ ସୀମାବର୍ତ୍ତି ଗଞ୍ଜାମ ଜିଲ୍ଲାର ୮ରୁ ୧୦ଟି ପଞ୍ଚାୟତର ସହିତ ରାଜ୍ୟ ରାଜଧାନୀ ଭୁବନେଶ୍ୱରରୁ ଏହି ପଥଦେଇ ଯାତାୟାତ କରୁଥିବା ଆସ୍କା,

### ଯାତ୍ରୀ ହେବେ ଉପକୃତ

ବୁଗୁଡ଼ା, ଭଞ୍ଜନଗର, ବ୍ରହ୍ମପୁର, ଫୁଲବାଣୀ, ଭବାନୀପାଟଣା, କଳାହାଣ୍ଡି ସ୍ଥାନ ସହିତ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଯାତାୟାତ କରୁଥିବା ଯାତ୍ରୀବାହୀ ବସ୍ ଏହି ଷ୍ଟାଣ୍ଡର ସୁବିଧା ସୁଯୋଗ ହାସଲ କରିପାରିବେ। ସେହିପରି ଓଡ଼ଗାଁ ପ୍ରଭୁ ଶ୍ରୀରଘୁନାଥ ଜିଉ ଏବଂ ବାବା ଦିତୀକେଶ୍ୱର ମହାଦେବଙ୍କ ସହିତ ଅନ୍ୟାନ୍ୟ ସ୍ଥାନ ପରିଦର୍ଶନ ପାଇଁ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ ଏହା ସୁବିଧାଜନକ ହୋଇପାରିବ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅର୍ଥ ମଞ୍ଜୁର ହୋଇଥିବା ବେଳେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ପ୍ରଚେଷ୍ଟାରେ ନିର୍ମାଣ ହେବାକୁ ଯାଉଥିବା ଆମ ବସ୍‌ଷ୍ଟାଣ୍ଡ ଦିନେ ଓଡ଼ଗାଁର ପୁରାତନ ଯୋଗାଯୋଗର ଐତିହ୍ୟ ଫେରାଇ ଆଣିପାରିବ ବୋଲି ଆଲୋଚିତ ହେଉଛି।

● ମସ୍ତିଷ୍କ ରୋଗରେ ଆକ୍ରାନ୍ତ ସର୍ବେଶ୍ୱର

# ଚିକିତ୍ସା ଲାଗି ମୁଠି ଭିକ୍ଷା କଲେ ସ୍ୱେଚ୍ଛାସେବୀ

**ଭୂଷଣ୍ଡପୁର, ୯।୨(ସମିସ):** ଟାଙ୍ଗୀ ବ୍ଲକର ନୂଆଗଡ଼ ପଞ୍ଚାୟତ ହରିପୁର ଗ୍ରାମର ଗୋବିନ୍ଦ ସୁବୁଦ୍ଧିଙ୍କ ପୁଅ ସର୍ବେଶ୍ୱର ମୂଳ



ମଜୁରୀ ଅର୍ଥରେ ଛୋଟଛୋଟ ଦୁଇଟି ନାବାଳକ ପୁଅଙ୍କ ସହିତ ୫ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୋଇଥାନ୍ତି। ମୂଲମଜୁରୀ ଲାଗି କଷ୍ଟେମଷ୍ଟେ ଗୁଜୁରାଣ ମେଣ୍ଟାଉଥାଏ। ଦୁର୍ଭାଗ୍ୟକୁ ମୁଣ୍ଡ ବୁଲେଇ ହୋଇ ଘରେ ପଡ଼ିବା ଯୋଗୁ କାମ ଧନ୍ଦାକୁ ନ ଯାଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଆଜି ପର୍ଯ୍ୟନ୍ତ ଚିକିତ୍ସିତ ହେଉଛନ୍ତି। ସର୍ବେଶ୍ୱର ବ୍ରେନ୍ ଟିଉମର ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ଦୁଇ ଦୁଇଟା ଅପରେସନ ହୋଇଗଲାଣି ତା ପାଖରେ ଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡର ଅର୍ଥ ରାଶି ୫ଲକ୍ଷ ଟଙ୍କା ସରି ଯିବା ସତ୍ୱେ ମଧ୍ୟ ସର୍ବେଶ୍ୱରର ରୋଗର ଉପସମ ହୋଇନାହିଁ। ଏଣୁ ଗ୍ରାମର କିଛି ସ୍ୱେଚ୍ଛାସେବୀ ଯୁବକ ଗୌତମ ସୁବୁଦ୍ଧି, ଗୌରାଙ୍ଗ ସୁବୁଦ୍ଧି, ଜଗା ସୁବୁଦ୍ଧି, ବିକାଶ ପାତାଳସିଂ ଏବଂ ପ୍ରଶାନ୍ତ ସୁବୁଦ୍ଧି ନୂଆ ଗଡ଼ କାନ୍ତଳବାଇ ବାଲିପାଟପୁର ଏବଂ ଭୂଷଣ୍ଡପୁର ଗ୍ରାମ ପଞ୍ଚାୟତରେ ବୁଲି ଆର୍ଥିକ ଅନୁଦାନ ଭିକ୍ଷା କରୁଛନ୍ତି।

# ୧୫ବର୍ଷ ହେଲା ବନ୍ଦପଡ଼ିଛି କୃଷକ ବଜାର ମାର୍କେଟ କମ୍ପ୍ଲେକ୍ସ

## କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀଙ୍କ ଦାବି

**ଜଟଣୀ, ୯।୨(ସମିସ)**

ସୁଲଭ ମୂଲ୍ୟରେ କୃଷିଜାତ ସାମଗ୍ରୀ ବିକ୍ରି କରିବା ଉଦ୍ଦେଶ୍ୟ ନେଇ ଜଟଣୀ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ୧୫ବର୍ଷ ତଳେ ନିର୍ମାଣ ହୋଇଥିଲା ବିଜୁ କୃଷକ ବଜାର ମାର୍କେଟ କମ୍ପ୍ଲେକ୍ସ ଗୃହ। ପଞ୍ଚାୟତ ଅଞ୍ଚଳରୁ ଉତ୍ପାଦିତ କୃଷି ସାମଗ୍ରୀ ଏଠାରେ ଉପଲବ୍ଧ ହେବା ସହ ଲୋକମାନେ କିପରି କମ ଦାମରେ ବିଭିନ୍ନ କୃଷିଜାତ ଜିନିଷ କିଣାକିଣି କରିପାରିବେ ସେନେଇ ୧୦ଟି ଦୋକାନ ନିର୍ମାଣ କରାଯାଇଥିଲା। ମାତ୍ର ନିର୍ମାଣ ଦିନଠୁ ଦୋକାନରେ ତାଲା ପଡ଼ି ରହିଛି। କୌଣସି ବ୍ୟବସାୟୀଙ୍କୁ ମଧ୍ୟ ଦୋକାନ ଘର ଦିଆଯାଇନାହିଁ। କିଛି ଉଠା ବ୍ୟବସାୟୀ ଦୋକାନ ଘର ପିଣ୍ଡିରେ ଉଠା ଦୋକାନ କରି ବ୍ୟବସାୟ କରୁଛନ୍ତି। ଅନେକ ସମୟରେ ବିଭିନ୍ନ



ରାଜନୈତିକ ଦଳ ପକ୍ଷରୁ ଉକ୍ତ ସ୍ଥାନରେ ଆନ୍ଦୋଳନ ତଥା ଧାରଣା ଦିଆଯାଉଥିବା ଦେଖିବାକୁ ମିଳିଛି। ତେବେ ଦୋକାନ ଗୁଡ଼ିକ ତାଲା ପଡ଼ି ରହିଥିବା ବେଳେ ଏହାର ଚାବି କାହା ପାଖରେ ଓ ଦାୟିତ୍ୱରେ କିଏ ରହିଛନ୍ତି, କାହା ପାଖରେ ସୂଚନା ନଥିବା ଜଣାପଡ଼ିଛି।

କୃଷିଜାତ ଦ୍ରବ୍ୟ ବିକ୍ରି ସହ କିପରି ସୁଲଭ ମୂଲ୍ୟରେ ଲୋକେ କିଣି ପାରିବେ ସେହି ଉଦ୍ଦେଶ୍ୟ ନେଇ ୨୦୦୯ ମସିହାରେ ତତ୍କାଳୀନ ବିଧାୟକ ଶରତ ପାଇକରାୟ ନିଜ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ବ୍ୟୟରେ ବିଜୁ କୃଷକ ବଜାର ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଖୁସି ପ୍ରକଟ ହୋଇଥିଲେ। ତେବେ ସବୁଠୁ ବଡ଼ କଥା ହେଉଛି ଦୋକାନ ଗୃହ ପ୍ରତିଷ୍ଠା ଦିନଠାରୁ ତାଲା ପଡ଼ି ରହିଛି। ଖୋଦ ବ୍ଲକ ପ୍ରଶାସନ ପାଖରେ ମଧ୍ୟ ଏହାର କିଛି ସୂଚନା ନାହିଁ। ଦୀର୍ଘ ବର୍ଷ ହେଲା ଏମିତି ପଡ଼ି ରହିବା ପରେ ବର୍ତ୍ତମାନ ଏହି ଦୋକାନ ଘର ପିଣ୍ଡିରେ କିଛି ଉଠା ଦୋକାନୀ ଏହାକୁ କବଜା କରି ଦୋକାନ କରିଛନ୍ତି। ପ୍ରଶାସନ ପକ୍ଷରୁ ଉକ୍ତ ଦୋକାନ ଗୃହର ତାଲା ଭାଙ୍ଗି ପୁନର୍ବାର କାର୍ଯ୍ୟକ୍ଷମ କଲେ ଲୋକେ ଉପକୃତ ହେବେ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ କହିଛନ୍ତି ଯେ, ଏହା କେଉଁ ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିଲା ଜଣାନାହିଁ। ବର୍ତ୍ତମାନ ଦୋକାନ ଗୃହର ଚାବି କାହା ପାଖରେ ଅଛି ତାହା ମଧ୍ୟ ସୂଚନା ନଥିବା କହିଛନ୍ତି।

# କନ୍ତାଇଲୋ ବାଲାଜୀ କ୍ରିକେଟ୍ : ଫାଇନାଲରେ ଶାଳଝରିଆ ଟିମ୍

**ବୋଲଗଡ଼, ୯।୨(ସମିସ):** ବୋଲଗଡ଼ ବ୍ଲକ ବାଙ୍କୋଇ ପଞ୍ଚାୟତ କନ୍ତାଇଲୋ ଖେଳ ପଡ଼ିଆରେ ଚାଲିଥିବା ବାଲାଜୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ପ୍ରଥମ ସେମି ଫାଇନାଲ ମ୍ୟାଚ୍ ବିଜିପୁରୁ କ୍ରିକେଟ କ୍ଲବ ଓ ଶାଳଝରିଆ ବାହାଡା କ୍ରିକେଟ କ୍ଲବ୍ ମଧ୍ୟରେ ହୋଇଥିଲା। ଏଥିରେ ଶାଳଝରିଆ (ବାହାଡା) ଟିମ୍ ବିଜିପୁର ଦଳକୁ ୬୮ ରନ ରେ ହରାଇ ଫାଇନାଲକୁ ପ୍ରବେଶ କରିଛି। ବିଜିପୁର ଟିମ୍ ପ୍ରଥମେ ଫିଲ୍ଡିଂ ନିଷ୍ପତି ନେଇଥିଲା ବେଳେ ଶାଳଝରିଆ ବାହାଡା ଟିମ ପ୍ରଥମ ପାଳି ବ୍ୟାଟିଂ ନିର୍ଦ୍ଧାରିତ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ପ୍ରତିପକ୍ଷ ଟିମ ଆଗରେ ୧୬୮ ରନ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହାର ଜବାବରେ ବିଜିପୁର ଟିମ ୧୬.୫ ଓଭରରେ ବ୍ୟାଟିଂ କରି ୧୦୦ ରନରେ ଅଲଆଉଟ ହୋଇଥିଲା। ଅମ୍ପାୟାର ଭାବେ ପପୁ ନାୟକ ଏବଂ ପ୍ରଶାନ୍ତ ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ୨୬ନଂ ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ ଓ ସ୍ୱତନ୍ତ୍ର ଅତିଥି ରୂପେ ବରିଷ୍ଠ ଶିକ୍ଷାବିତ ଜୟକୃଷ୍ଣ ଫତେସିଂହ ଯୋଗଦେଇ ଖେଳାଳି ଏବଂ ଆୟୋଜକ ଙ୍କୁ ଉତ୍ସାହିତ କରିଥିଲା ବେଳେ ସମ୍ମାନିତ ଅତିଥି ଭାବେ ୱାର୍ଡ ସଭ୍ୟ କୃପାସିନ୍ଧୁ ପ୍ରଧାନ ଯୋଗଦେଇଥିଲେ। ଉନ୍ନତ ଖେଳ ପ୍ରଦର୍ଶନ ପାଇଁ ବିଜେତା ଦଳର ଖେଳାଳି ହାପିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ବାଲାଜୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆୟୋଜକଙ୍କ ପକ୍ଷରୁ ଅନିଲ ପ୍ରଧାନ, ସାଗର ନାୟକ, ତାପସ ସୁନ୍ଦରାୟ, ଆଶିଷ ସାମନ୍ତରାୟ, ଶୁଭେନ୍ଦୁ ପ୍ରଧାନ, ଦେବିପ୍ରସାଦ ମିଶ୍ର, ସଞ୍ଜୟ ସୁନ୍ଦରାୟ ପ୍ରମୁଖ ଙ୍କ ସମେତ ଏହାର ସ୍ୱେଚ୍ଛାସେବୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।

# ନିରାକାରପୁର ଅଞ୍ଚଳର ସମସ୍ୟା ନେଇ ଦାବିପତ୍ର ପ୍ରଦାନ

**ନିରାକାରପୁର, ୯ ।୨(ସମିସ):** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁର ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ଲିଖିତ ଦାବିପତ୍ର ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି ।୨୪ ଦଫା ଦାବି ପୂରଣ ନହେଲେ ଆସନ୍ତା ୧୧ ତାରିଖ ଠାରୁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ବ୍ୟକ୍ତି ବିଶେଷ ଓ ୱାର୍ଡ ମେମ୍ବରଙ୍କୁ ନେଇ ସମିତି ସଭ୍ୟା ଲୋପାମୁଦ୍ରା ଦାଶ ଆମରଣ ଅନଶନ କରିବାକୁ ଚେତାବନୀ ଦେଇଥିବା ଜଣାପଡ଼ିଛି। ଦୀର୍ଘଦିନ ଧରି ସମସ୍ୟା ସମ୍ପର୍କରେ ଅଭିଯୋଗ ହୋଇ ଆସୁଥିବା ବେଳେ ରାଜ୍ୟ ପ୍ରଶାସନ କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି।

ଦାବି ମଧ୍ୟରେ ୨୦୦ ବର୍ଷ ଧରି ବସବାସ କରୁଥିବା ନରେନ୍ଦ୍ରପୁର ସାହିକୁ ରାଜସ୍ୱ ଗ୍ରାମ ର ମାନ୍ୟତା, ନିରାକାରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା, ରାମେଶ୍ୱର ଠାରେ ଦମକଳ କେନ୍ଦ୍ର ଖୋଲିବା, ୫ର ପୋଖରୀର ପୁନଃ ଉଦ୍ଧାର, ହାଟରେ ପିଣ୍ଡି ଘର ନିର୍ମାଣ, ମିନି ଷ୍ଟାଡିୟମ ସହ ଅତ୍ୟାଧୁନିକ ବ୍ୟାୟାମ ଶାଳା, କ୍ଷେତ୍ରବାସୀ ଡିଏଭି କଲେଜର ପୁନଃ ବିନ୍ୟାସ, ଜନସଂଖ୍ୟା ଭିତ୍ତିରେ ନିରାକାରପୁରକୁ ବ୍ଲକ ମାନ୍ୟତା, ଭୂମିହୀନଙ୍କୁ ସ୍ଥାୟୀ ପଟ୍ଟା, କପିଳେଶ୍ୱର ପୀଠ କୁ ପର୍ଯ୍ୟଟନ ସ୍ଥଳ ଘୋଷଣା କରିବା, ନିରାକାରପୁର ନାମରେ ଅନ୍ୟତ୍ର ଚାଲୁଥିବ ସରକାରୀ କାର୍ଯ୍ୟାଳୟକୁ ନିରାକାରପୁରରେ ଅବସ୍ଥାପିତ କରିବା, ହାତୀ ଉପଦ୍ରବ ରୁ ରକ୍ଷା ପାଇବା ପାଇଁ ଚାଷ ଜମିରେ ସୋଲାର ପଏଣ୍ଟି ସିଷ୍ଟମ କରିବା, ଫନି, ହୁଡୁ ହଡୁ ମହାବାତ୍ୟାରେ କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ତୁରନ୍ତ ରହିଥିବା କ୍ଷତି ପୂରାଣ କରିବା ଭଳି ୨୪ ଦଫା ଦାବି ରହିଛି।

# ବାଘମାରୀ ଥାନା ପୁଲିସ ପକ୍ଷରୁ ଯାଞ୍ଚ କଡ଼ାକଡ଼ି

**ବେଗୁନିଆ, ୯ ।୨(ସମିସ):** ବାଘମାରି ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନେତୃତ୍ୱରେ ପୁଲିସ ବିଭିନ୍ନ ସ୍ଥାନରେ ଅପରାଧିକ କାର୍ଯ୍ୟକଳାପ ଓ ଗତିବିଧିକୁ ନିୟନ୍ତ୍ରଣାଧିନ କରିବା ପାଇଁ ନାକାବନ୍ଦୀ ଆରମ୍ଭ କରିଛି। ଏହା ଫଳରେ ଅପରାଧି ମାନେ ପୁଲିସ ପ୍ରତି ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ବାଘମାରି ଥାନା ଉପନିରୀକ୍ଷକ ଚନ୍ଦନ ଦାସ, ଅତିରିକ୍ତ ଉପ ନିରୀକ୍ଷକ ରଣଜିତ ନାୟକ, ରାଇଟର ମାନସ ସାହୁଙ୍କ ସମେତ ପୁଲିସ କର୍ମଚାରୀ ମାନେ ଉପସ୍ଥିତ ରହିଛନ୍ତି।

● ନୀଳାମ୍ବୁ ମହୋତ୍ସବ ଉଦ୍‌ଯାପିତ

# ମହୋତ୍ସବ ଭାଇଚାରା ଉଜ୍ଜୀବିତ କରେ

**ଟାଙ୍ଗୀ/କାଳୁପଡ଼ାଘାଟ, ୯।୨(ସମିସ):** ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ନୀଳାମ୍ବୁ ମହୋତ୍ସବ ରଙ୍ଗାରଙ୍ଗ ପରିବେଶରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ସଂଘ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ପ୍ରବକ୍ତା ସରୋଜ ପାଇକରାୟ ପ୍ରମୁଖ ଯୋଗଦେଇ ବିଲୁପ୍ତ ହୋଇଯାଉଥିବା ଲୋକକଳା, ପାରମ୍ପରିକ କଳା ସଂସ୍କୃତିର ଉଜ୍ଜୀବିତ କରିବା ସହ ଏକ ଭାଇଚାରା ଭାବ ସୃଷ୍ଟି କରିବା ଏହି ଭଳି ମହୋତ୍ସବର ଜନ୍ମ ବୋଲି ମତବ୍ୟକ୍ତ କରିଥିଲେ।



ଉଦ୍‌ଯାପନୀ ସନ୍ଧ୍ୟାରେ ନର୍ତ୍ତକୀ ଡ୍ୟାନ୍ସ ଏକାଡେମୀର କଳାକାରମାନେ ଏବଂ ଦୁଲଫୁଲ କଳାପରିଷଦ ସୋନପୁରର କଳାକାରମାନେ ଉପସ୍ଥିତ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରିଦିମ ଡ୍ୟାନ୍ସ ଏକାଡେମୀ ଟାଙ୍ଗୀ ଏବଂ ପଶ୍ଚିମବଙ୍ଗର ପୁରୁଲିଆ ଗ୍ରୁପ ମଧ୍ୟ ଦର୍ଶକଙ୍କୁ ତାଙ୍କ ନୃତ୍ୟରେ ବିମୋହିତ କରିଥିଲେ। ମଞ୍ଚକୁ ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର ସଞ୍ଚାଳନ କରିଥିଲେ।କାର୍ଯ୍ୟକ୍ରମରେ ସାମ୍ବାଦିକ ସଂଘର ଉପଦେଷ୍ଟା ସାମ୍ବାଦିକ ପ୍ରଦୋଷ ଦାସ, ଉପ ସଭାପତି ମନୋଜ ନାଇଡୁ, ସହ ସମ୍ପାଦକ ରାମଚନ୍ଦ୍ର ପରିଡ଼ା, ସାମ୍ବାଦିକ ଦୁର୍ଗାପ୍ରସାଦ ଦାଶ, ସନ୍ଦୀପନୀ ମିଶ୍ର, ରାକେଶ ଜଗଦେବ, ପ୍ରଶାନ୍ତ କୁମାର ବେହେରା, କମଳ ଲୋଚନ ପାଇକରାୟ, ସୂର୍ଯ୍ୟକାନ୍ତ ସାହୁ, ରଜନୀକାନ୍ତ ମିଶ୍ର, ଅଭିଜିତ ଦାଶ, ଶଙ୍କର୍ଷଣ ବେହେରା, ରାକେଶ ମହାନ୍ତି, ବାଲୁଙ୍କେଶ୍ୱର ବେହେରା, ଅନନ୍ତ ପ୍ରଧାନ, ଯୁବ ସମାଜ ସେବୀ ପ୍ରଦୀପ କୁମାର ସାହୁ, ଗିରିଶ କୁମାର ବେହେରା, ବୁଲୁ ରାଉତ, କାହ୍ନା ପାତ୍ର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ସିପିଆଇ ପକ୍ଷରୁ ୭ ଦଫା ଦାବିପତ୍ର ପ୍ରଦାନ

**ବେଗୁନିଆ, ୯ ।୨(ସମିସ):** ବେଗୁନିଆ ସଦର ମହକୁମା ସ୍ଥିତ ପୋଷ୍ଟ ଅଫିସ କାର୍ଯ୍ୟାଳୟ ନିକଟରୁ ସିପିଆଇ ପାର୍ଟି ପକ୍ଷରୁ ୭ ଦଫା ଦାବିରେ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ରାଜ୍ୟର ବରିଷ୍ଠ ସିପିଆଇ ନେତା ବସନ୍ତ କୁମାର ପାଇକରାୟଙ୍କ ତତ୍ୱାବଧାନରେ ଜାତୀୟ ସିପିଆଇ ସମ୍ପାଦକ ରାମକୃଷ୍ଣ ପଣ୍ଡା ଓ ସାଧାରଣ ସମ୍ପାଦକ ଅଭୟ ସାହୁ ପ୍ରମୁଖ ଉପସ୍ଥିତ ରହି ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତା ୫ ହଜାର, ୨ଶହ ୟୁନିଟ୍ ବିଦ୍ୟୁତ୍ ଛାଡ, ବେକାରୀ ସମସ୍ୟା, ଦରଦାମ ବୃଦ୍ଧି ଓ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩ ହଜାର, ସଅର ଲୋକଙ୍କୁ ଆଦିବାସୀର ମାନ୍ୟତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଓ ଶ୍ରମିକଙ୍କ ମଜୁରୀ ୫ ଶହ ଟଙ୍କାଙ୍କୁ ବୃଦ୍ଧି କରିବା ଦାବି ଗୁଡ଼ିକ ଉପସ୍ଥାପନ କରିଥିଲେ। ପରେ ବିଡ଼ିଓ ଲକ୍ଷ୍ମୀଧର ସାହୁ, ତହସିଲଦାର ତାପସ ବିଶି ଓ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ଉପସ୍ଥିତିରେ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ସୁମନ୍ତ ଛୋଟରାୟ, ପିଚୁକୁଳି ଜୋନ ସମ୍ପାଦକ ବିଜୟ କୁମାର ଗୁମାନସିଂହ, ବସନ୍ତ ସେଠୀ, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ସନାତନ ମାଝୀ, ଶ୍ରୀନିବାସ ମାନସିଂହ, ବଳଭଦ୍ର ମହାପାତ୍ର, ଲୋଚନ ଭଞ୍ଜ ଓ ସମାଜସେବୀ ଶ୍ରୀକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଦେଉଳଟାଙ୍ଗି କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଗୁଡୁମ ବିଜୟୀ

**ଖୋର୍ଦ୍ଧା, ୯।୨(ସମିସ):** ଖୋର୍ଦ୍ଧାବ୍ଲକ ଅନ୍ତର୍ଗତ ଦେଉଳଟାଙ୍ଗି ମା' ବଘେଇ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ମ୍ୟାଚ୍ ଗୁଡୁମ ଓ ପଙ୍ଗାରସିଂହ ମଧ୍ୟରେ ହୋଇଥିଲା। ପ୍ରଥମେ ଗୁଡୁମ ଦଳ ବ୍ୟାଟିଂ କରି ୧୦ ଓଭର ଖେଳି ୩ ୱିକେଟ୍ ରେ ୧୨୦ ରନ୍ କରିଥିଲା। ଜବାବରେ ପଙ୍ଗାରସିଂହ ଦଳ ୧୦ ଓଭର ଖେଳି ୮ ୱିକେଟ ହରାଇ ୧୦୭ ରନ୍ କରିଥିଲା। ଫଳରେ ଗୁଡୁମ ଦଳର ଦିବ୍ୟ ରଞ୍ଜନ ବେହେରା ୨ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳକୁ ମଦନମୋହନ ସ୍ୱାଇଁ ଓ ଗୋପିନାଥ ମାଝି ପରିଚାଳନା କରିଥିଲେ। ସ୍କୋରର ଜିତେନ୍ଦ୍ର ପ୍ରଧାନ, ଭାଷ୍ୟକାର ଶ୍ରଦ୍ଧାନନ୍ଦ ପ୍ରଧାନ ଥିଲେ। ମ୍ୟାଚ ରେ ଅତିଥି ଭାବେ ଜାଜିବ ଅସତ, ସଚିନ ରାଥୋଡ, କାଇପଦର ସେବା ସମବାୟ ସମିତିର ସମ୍ପାଦକ ୫ଜ ସାମନ୍ତରାୟ, ନାଏବ ସରପଞ୍ଚ ସମ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଘରେ କେହି ନଥିବାର ସୁଯୋଗ ନେଇ ଲୁଟ୍

**ବାଣପୁର, ୯ ।୨ (ସମିସ) :** କିଛି ମାସର ବ୍ୟବଧାନ ପରେ ବାଲୁଗାଁ ବାଣପୁର ଅଞ୍ଚଳରେ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇ ପଡ଼ିଛନ୍ତି। କିଛି ଦିନ ପୂର୍ବେ ବାଣପୁର ଥାନା ଅନ୍ତର୍ଗତ କୁମାରାଙ୍ଗ ରୋଡରୁ ଘରେ କେହି ନଥିବାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଲୁଟି ନେଇଛନ୍ତି। ତେବେ ସପ୍ତାହକ ମଧ୍ୟରେ ବାଣପୁର ଥାନା ଅନ୍ତର୍ଗତ ଉକ୍ତ କୁମାରାଙ୍ଗ ରୋଡରୁ ଦୁଇ ଦୁଇଟି ଚୋରି ଘଟଣା ପୁଲିସର ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଅଭିଯୋଗ ମୁତାବକ ବାଣପୁର ଥାନା ଅନ୍ତର୍ଗତ କୁମାରାଙ୍ଗ ରୋଡରେ ସୁଚିତ୍ରା ପ୍ରହରାଜ ନୂତନ ଘର ନିର୍ମାଣ କରିଥିବା ବେଳେ ସେଠାରେ ନରହି ଉକ୍ତ ଘରେ ତାଲା ପକାଇ ନିକଟସ୍ଥ ଅଚ୍ୟୁତରାଜପୁର ଗ୍ରାମସ୍ଥିତ ବାପ ଘରେ ରହୁଛନ୍ତି। ତେବେ ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ଘର ଗ୍ରିଲ ତାଲା ଭାଙ୍ଗି ଘର ଭିତରେ ପସି ଲୁଟ ପାଟ କରିଛନ୍ତି। ସକାଳୁ ଉକ୍ତ ଘରର କବାଟ ଖୋଲା ଥିବାର କିଛି ସ୍ଥାନୀୟ ଲୋକେ ଦେଖି ସୁଚିତ୍ରାକୁ ସୂଚନା ଦେଇଥିଲେ। ସୁଚିତ୍ରା ପହଞ୍ଚି ଘରର ସମସ୍ତ ଆସବାବପତ୍ର ସହ ରୁପାର ପୂଜା ସାମଗ୍ରୀ ଚୋରି ହୋଇ ଥିବାର ଜାଣିବାକୁ ପାଇ ଥିଲେ। ଏନେଇ ସୁଚିତ୍ରା ବାଣପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ବାଣପୁର ଥାନା କେସ୍ ନଂ ୭୫/୨୪ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଉତ୍କଳ କରାଟେ ସ୍କୁଲର ବେଲ୍ଟ ପରୀକ୍ଷା; ୩୯ ପ୍ରଶିକ୍ଷାର୍ଥୀ ଉତ୍ତୀର୍ଣ୍ଣ

**ବାଲୁଗାଁ, ୯ ।୨ (ସମିସ):** ବାଲୁଗାଁ ସ୍ଥିତ ଉତ୍କଳ କରାଟେ ସ୍କୁଲର ବେଲ୍ଟ ପରୀକ୍ଷା ସ୍ଥାନୀୟ ହୋଟେଲ ଦିଗନ୍ତିକା ଠାରେ ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ଅଞ୍ଚଳର ବିଭିନ୍ନ ବର୍ଗର ବହୁ ଛୋଟ ବଡ କରାଟେକା ପ୍ରଶିକ୍ଷାର୍ଥୀ ପରୀକ୍ଷାରେ ଅଂଶ ଗ୍ରହଣ କରି ବିଭିନ୍ନ ବେଲ୍ଟ ପରୀକ୍ଷା ଦେଇଥିବା ବେଳେ ତନ୍ମଧ୍ୟରୁ ୩୯




ପରୀକ୍ଷାର୍ଥୀ ବେଲ୍ଟ ହାସଲ କରିଛନ୍ତି। ଉତ୍କଳ କରାଟେ ସ୍କୁଲର ମୁଖ୍ୟ ହାନସି ଡ଼. ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସିହାନ ଖାରବେଳ ମଲ୍ଲିକ ଏହି ପରୀକ୍ଷା ପରିଚାଳନା କରିଥିଲେ। ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୩୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭ ଜଣ ବ୍ରାଉନ ବେଲ୍ଟ, ଜଣେ ବ୍ଲୁ ବେଲ୍ଟ, ୧୨ ଜଣ ଗ୍ରୀନ ବେଲ୍ଟ, ୧୬ ଅରେଞ୍ଜ ବେଲ୍ଟ ଓ ୩ ୟେଲ୍ଲୋ ବେଲ୍ଟ ହାସଲ କରିଛନ୍ତି। ସେନସେଇ ଦୀପକ ସାମନ୍ତରାୟ ଏବଂ ସେନସେଇ ଏସକେଏ ହକଙ୍କ ନିକଟରେ ଏହି କରାଟେକା ପ୍ରଶିକ୍ଷଣ ଲାଭ କରି ଆସୁଛନ୍ତି। ଉକ୍ତ ସ୍କୁଲର ତୋଫାନ ବାଉତୀୟା, ପ୍ରତାପ କେଶରୀ ଜେନା, କ୍ରିଷ୍ଣା ଶିକାରୀ, ସଂଗ୍ରାମ ନାୟକ, ସାଲୋନୀ ପାତ୍ର, ପ୍ରତୀକ ପ୍ରଧାନ, ବୈକୁଣ୍ଠ ପ୍ରଧାନ, ସୌମ୍ୟ ରଞ୍ଜନ ବିଶ୍ୱାଳ ଓ ଶ୍ରୀତମ ଶ୍ରୀମୟ ଶତପଥୀ ପ୍ରମୁଖ ବ୍ଲାକ ବେଲ୍ଟ ହାସଲ କରିଥିବା କରାଟେକା ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ।

● ଭଉଣୀ ଘରକୁ ଯାଇ ଫେରିଲା ଭାଇର ମୃତଦେହ

# ହତ୍ୟା ଅଭିଯୋଗ ଆଣିଲେ ପତ୍ନୀ

**ଖୋର୍ଦ୍ଧା, ୯।୨(ସମିସ):** ଗୁରୁବାର ସନ୍ଧ୍ୟାରେ ଭଉଣୀ ଘରକୁ ଗଲେ। ମାତ୍ର ବିଳମ୍ବିତ ରାତିରେ ଭିଣୋଇ ଓ ତାଙ୍କ ସମ୍ପର୍କିୟ ଗୁରୁତର ଅବସ୍ଥାରେ ଶଳାକୁ ଆଣି ଘରେ ଛାଡି ଚାଲିଗଲେ। ଆଉ ଚିକିତ୍ସା ଲାଗି ମେଡିକାଲ ନେଇଥିଲେ ହେଁ ଡାକ୍ତରା ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ସଦରଥାନା ଅନ୍ତର୍ଗତ ଗୁଡୁମ ଗ୍ରାମର ଅନନ୍ତ ବେହେରା (୪୦)। ଅନନ୍ତଙ୍କ ମୃତ୍ୟୁକୁ ପରିବାର ଲୋକ ସହଜରେ ଗ୍ରହଣ କରିପାରୁନଥିବାବେଳେ ପତ୍ନୀ ଜୟନ୍ତୀ କିନ୍ତୁ ଅନନ୍ତଙ୍କୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ଅନନ୍ତ ଗୁରୁବାର ରାତିରେ ବେଙ୍ଗିଟାଙ୍ଗୀ ଭଉଣୀ ଘରକୁ ଯାଇଥିଲେ। ମାତ୍ର ବିଳମ୍ବିତ ରାତି ପର୍ଯ୍ୟନ୍ତ ନଫେରିବାରୁ ଜୟନ୍ତୀ ଫୋନ କରିଥିଲେ।ଏଥିରେ କୌଣସି ସନ୍ତୋଷଜନକ ଉତର ସେ ପାଇନଥିଲେ। କିନ୍ତୁ ବିଳମ୍ବିତ ରାତିରେ ଅନନ୍ତଙ୍କୁ ଗୁରୁତର ଅବସ୍ଥାରେ ତାଙ୍କ ଭିଣୋଇ ଓ ସମ୍ପର୍କିୟଙ୍କୁ ମିଶାଇ ୩ଜଣ ଆଣି ଘରେ ଛାଡିଯାଇଥିଲେ। ତାଙ୍କ ଅବସ୍ଥା ଦେଖି ପରିବାର ଲୋକ ଚିକିତ୍ସା ଲାଗି ଖୋର୍ଦ୍ଧାମେଡିକାଲ ରେ ଭର୍ତି କରିଥିବାବେଳେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ତେବେ ଭିଣୋଇ ଓ ତାଙ୍କ ସମ୍ପର୍କିୟ ଅନନ୍ତଙ୍କୁ ହତ୍ୟା କରିଥିବା ଜୟନ୍ତୀ ଥାନାରେ ଅଭିଯୋଗ କରିଥିବା ପୁଲିସ ସୂଚନା ଦେଇଛି। ଅଭିଯୋଗ ଉପରେ ପୁଲିସ ଦଫା ୩୦୨, ୩୪ ଆଇପିସିରେ ୪୨/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ସିଡିଏମ୍‌ଓ କାର୍ଯ୍ୟାଳୟ ସ୍ଥାନାନ୍ତର, ମେଡିକାଲ କଲେଜ ସ୍ଥାନ ସଂରକ୍ଷଣ ଦାବି ତେଜିଲା

# ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲା ଖୋର୍ଦ୍ଧା ବିକାଶ ମଞ୍ଚ

**ଖୋର୍ଦ୍ଧା, ୯।୨(ସମିସ)**

ଜିଲ୍ଲା ମୁଖ୍ୟ ଚକିତ୍ସାଳୟ ପରିସରକୁ ସିଡିଏମଓ କାର୍ଯ୍ୟାଳୟ ସ୍ଥାନାନ୍ତର, ଖୋର୍ଦ୍ଧା ମେଡ଼ିକାଲକୁ ଲାଗି ଥିବା ୫୮ଏକର ସରକାରୀ ଜାଗାକୁ ମେଡ଼ିକାଲ କଲେଜ ପାଇଁ ସଂରକ୍ଷିତ କରାଯିବା, ସିଡ଼ିଏମ୍‌ଓ କାର୍ଯ୍ୟାଳୟ ସ୍ଥାନାନ୍ତରଣ ପରେ ସେଠାରେ ମାର୍କେଟ୍ କମ୍ପେକ୍ସ ନିର୍ମାଣ କରାଯିବା ନେଇ ଖୋର୍ଦ୍ଧା ବିକାଶ ମଞ୍ଚ ଦାବି କରିଛି। ଏହି ପରିପ୍ରେକ୍ଷୀରେ ମଞ୍ଚ ପକ୍ଷରୁ ଶୁକ୍ରବାର ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି।



ମଞ୍ଚର ଅଭିଯୋଗ ଅନୁସାରେ, ୨୦୦୮ ମସିହାରେ ଖୋର୍ଦ୍ଧାରେ ନୂତନ ମେଡ଼ିକାଲ ସ୍ଥାପନ କରାଯାଇଛି। ତା'ପରଠାରୁ ପୁରାତନ ମେଡ଼ିକାଲ ଥିବା ସ୍ଥାନରେ ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ କାର୍ଯ୍ୟ କରୁଅଛି। ବର୍ତ୍ତମାନ ନୂତନ ମେଡ଼ିକାଲ ରେ ରୋଗୀ ସଂଖ୍ୟା ଅହେତୁକ ବୃଦ୍ଧି ପାଉଥିବା ବେଳେ ଏଠାରୁ ୨ କି.ମି. ଦୂରରେ ସିଡ଼ିଏମ୍‌ଓଙ୍କ କାର୍ଯ୍ୟାଳୟ ରହିଛି। ତେଣୁ ସିଡ଼ିଏମ୍‌ଓ ଓ ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସମ୍ଭବ ନୁହେଁ। ପ୍ରାୟ ଅଧିକାଂଶ ଜିଲ୍ଲାରେ ସିଡ଼ିଏମ୍‌ଓ କାର୍ଯ୍ୟାଳୟଗୁଡ଼ିକ ମୁଖ୍ୟ ଚିକିତ୍ସାଳୟ ପରିସରରେ କାର୍ଯ୍ୟ କରୁଥିବା ବେଳେ ଖୋର୍ଦ୍ଧାରେ ଏଭଳି ବ୍ୟତିକ୍ରମ ନିଶ୍ଚିତ ଭାବରେ ରୋଗୀ ସେବାରେ ବ୍ୟାଘାତ ସୃଷ୍ଟି କରୁଛି ବୋଲି ମଞ୍ଚ ଅଭିଯୋଗ କରିଛି। ଏପରିକି ସି.ଡ଼ି ଏମ୍.ଓ କାର୍ଯ୍ୟାଳୟରେ ରକ୍ତ ଭଣ୍ଡାର, ଔଷଧ ଭଣ୍ଡାର ଓ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟାଳୟଗୁଡ଼ିକ ରହିଛି। ତେଣୁ ଏଗୁଡ଼ିକୁ ଯଥାଶୀଘ୍ର ସ୍ଥାନାନ୍ତରିତ କରାଯାଉ ବୋଲି ମଞ୍ଚ ଦାବି କରିଛି।

ସେହିପରି ପୁରାତନ ମେଡ଼ିକାଲରେ ଅର୍ଥାତ୍ ସିଡ଼ିଏମ୍‌ଓ କାର୍ଯ୍ୟାଳୟ ପ୍ରାୟ ୩ ଏକର ଜାଗାରେ କାର୍ଯ୍ୟ କରୁଛି। ସିଡିଏମଓ ଅଫିସ ସ୍ଥାନାନ୍ତର ପରେ ସେଠାରେ ପୌରପରିଷଦ ତରଫରୁ ଏକ ବଡ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ସହରର ପ୍ରାୟ ହଜାର ନୂତନ ଯୁବକ ରୋଜଗାର କ୍ଷମ ହେବା ସଙ୍ଗେ ସଙ୍ଗେ ପୌର ପରିଷଦର ମଧ୍ୟ ଆୟ ବୃଦ୍ଧି ପାଇବ ବୋଲି ମଞ୍ଚ ପ୍ରସ୍ତାବ ରଖିଛି।

ଏଥିସହିତ ଓଡ଼ିଶାରେ ଆଜକୁ ୧୧ଟି ଜିଲ୍ଲାରେ ମେଡ଼ିକାଲ କଲେଜ ଖୋଲା ସରିଲାଣି। ତେଣୁ ଖୋର୍ଦ୍ଧା ମେଡ଼ିକାଲକୁ ଲାଗି ରହିଥିବା ୫୮ ଏକର ସରକାରୀ ଜାଗାକୁ ଭବିଷ୍ୟତରେ ମେଡ଼ିକାଲ କଲେଜ ସ୍ଥାପନ ପାଇଁ ସଂରକ୍ଷିତ କରି ରଖିବାକୁ ମଞ୍ଚ ଜିଲ୍ଲାପ୍ରଶାସନ ଯୋଗେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ତେବେ ଖୋର୍ଦ୍ଧା ବିକାଶ ମଞ୍ଚର ସଭାପତି ଆଇନଜୀବୀ ନରେନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ସମାଜସେବୀ ଡ଼. ବୃନ୍ଦାବନ ପଣ୍ଡା, ସୁବାସ ସାମନ୍ତରାୟ, ଦିବାକର ଭୋଇ, ଆଇନଜୀବୀ ଲିରେନ୍ ସାହା, ଅଧ୍ୟାପକ ଗୋପାଳକୃଷ୍ଣ ଦାସ ପ୍ରମୁଖ ସାମିଲ ହୋଇ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କୁ ପ୍ରଦାନ କରିଛନ୍ତି।

# ଆନ୍ତଃଜିଲ୍ଲା ସ୍କୁଲସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




**ଖୋର୍ଦ୍ଧା, ୯।୨(ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳ ପଡ଼ିଆରେ ଆନ୍ତଃଜିଲ୍ଲା ସ୍କୁଲସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲା କ୍ରିକେଟ୍ ସଂଘର ସହଯୋଗରେ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଓ ଓଡ଼ିଶା କ୍ରିକେଟ୍ ଆସୋସିଏସନର କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଉଦ୍‌ଘାଟନ କରିଥିଲେ। ୧୦ଟି ବିଦ୍ୟାଳୟର ପିଲାଙ୍କୁ ନେଇ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଥିବା ବେଳେ, ଆସନ୍ତା ୨୦ ତାରିଖ ଦିନ ଫାଇନାଲ ମ୍ୟାଚ୍ ହେବ। ଉଦ୍‌ଘାଟନୀ ମ୍ୟାଚ୍ କମ୍ବାଇନ ସ୍କୁଲ ଏକାଦଶ ଓ ଡ଼ାଲତୋଳା ହାଇସ୍କୁଲ ଏକାଦଶ ମଧ୍ୟରେ ହୋଇଥିଲା। ଏଥିରେ କମ୍ବାଇନ ସ୍କୁଲ ଏକାଦଶ ଦଳ ୨୯୨ରନର ବୃହତ ବିଜୟ ହାସଲ କରିଛନ୍ତି। କମ୍ବାଇନ ଏକାଦଶ ଦଳ ନିର୍ଦ୍ଧାରିତ ୩୫ ଓଭରରେ ୭ଟି ୱିକେଟ୍ ହରାଇ ୩୨୭ରନ କରିଥିଲେ। ଜବାବରେ ଡ଼ାଲତୋଳା ଦଳ ୧୧.୪ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୩୫ରନ୍ କରିବାକୁ ସକ୍ଷମ ହୋଇଥିଲେ। କମ୍ବାଇନ ଏକଦଶ ପକ୍ଷରୁ ଦେବୀ ପି ଦାସ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ମ୍ୟାଚ୍‌କୁ ସୌମ୍ୟରଞ୍ଜନ ସାମନ୍ତସିଂହାର ଓ ପ୍ରକାଶ ପଟ୍ଟନାୟକ ପରିଚାଳନା କରିଥିବାବେଳେ ସ୍କୋରରେ ସୁଶିଲ କୁମାର ସୁନ୍ଦରାୟ ସହାୟତା କରିଥିଲେ।

# ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟାଙ୍କ ପରଲୋକ

**ବୋଲଗଡ଼, ୯।୨(ସମିସ):** ବୋଲଗଡ଼ ବ୍ଲକ ୨୫ନଂ ଜିଲ୍ଲାପରିଷଦ ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ପ୍ରମୋଦିନୀ ପଟ୍ଟନାୟକ (୭୬) ଙ୍କ ଶୁକ୍ରବାର ପରଲୋକ ଘଟିଛି। ସେ ବୋଲଗଡ଼ ବ୍ଲକ ଅଞ୍ଚଳର ଏକ ପ୍ରମୁଖ ରାଜନୀତି ପରିବାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଙ୍କ ଅକ୍ଷୟ



ପଟ୍ଟନାୟକଙ୍କ ଧର୍ମପତ୍ନୀ ଏବଂ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଅଶ୍ୱିନୀ ପଟ୍ଟନାୟକଙ୍କ ମାଆ ଥିଲେ। ବୋଲଗଡ଼ ପଟ୍ଟନାୟକ ସାହିସ୍ଥିତ ନିଜବାସଭବନରେ ଅସୁସ୍ଥତା କାରଣରୁ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ଶୁଣି ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ ସାହୁ, ଯୁବ ସମାଜସେବୀ ବ୍ରଜବନ୍ଧୁ ସୁବୁଦ୍ଧି, ବିଜେଡି ଜିଲ୍ଲା ସମ୍ପାଦକ ବୀର ଦାସ ଓ ବ୍ଲକ ବିଜେଡି ସଭାପତି ବନାମ୍ବର ମାଝୀ ପ୍ରମୁଖଙ୍କ ସମେତ ବହୁ ରାଜନୈତିକ ବ୍ୟକ୍ତିଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ମରାଶରୀରକୁ ଗ୍ରାମ୍ୟ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ଜ୍ୟେଷ୍ଠ ପୁତ୍ର ପାର୍ଥ ସାରଥୀ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।

